# ମ୍ୟାଜିକ୍ ବଦଳାଇଛି ଜୀବନ ମୋଡ଼

ଅମିତ କୁମାର ସାମଲ
ଅନୁଗୋଳ ଅଫିସ୍, ୧୫।୩

- ପ୍ରଶିକ୍ଷଣ ବେଳେ ପ୍ରଶିକ୍ଷାର୍ଥୀଙ୍କ ବଢ଼ାଇପାରିଥିଲେ ଏକାଗ୍ରତା
- ମ୍ୟାଜିକ୍ ଟ୍ରେନ୍ର ଭାବେ ପୋଲିସ ବିଭାଗରେ ଜଣାଶୁଣା
- ପ୍ରତିଭାର ପରିଚୟ ଦେବାକୁ ପଞ୍ଚାନନଙ୍କୁ ଲାଗିଥିଲା ୯ ବର୍ଷ

ପୋଲିସ ବିଭାଗରେ ଚାକିରି କରି ବି ମନରେ ସନ୍ତୋଷ ନ ଥିଲା। ଚାକିରି ସହ ଅନ୍ୟ କିଛି କରି ଲୋକଙ୍କ ହୃଦୟ ଜିଣିବାକୁ ସର୍ବଦା ତାଙ୍କ ହୃଦୟ ଚାହୁଁଥିଲା। ତେଣୁ ତବଲା, ବେହେଲାଠାରୁ ସଙ୍ଗୀତ ଶିକ୍ଷା ଯାଏ ବିଭିନ୍ନ କ୍ଷେତ୍ରକୁ ଛୁଇଁବାକୁ ସେ ଉଦ୍ୟମ କରିଥିଲେ। ହେଲେ ତହିଁରେ ବିଫଳତା ହିଁ ତାଙ୍କୁ ମ୍ୟାଜିକ୍ ଦିଗରେ ଅଗ୍ରସର ହେବାକୁ ବାଟ କଢ଼ାଇଥିଲା। ଆଉ ଏହାପରେ ଫୁଟ୍‌ପାଥ୍‌ରୁ ଆରମ୍ଭ ହୋଇଥିବା ମ୍ୟାଜିକ୍ ଶିକ୍ଷା କେରଳର ଥିରୁଭାନନ୍ତପୁରମ୍ ଏକାଡେମୀରେ ପୂର୍ଣ୍ଣାଙ୍ଗ ହେବା ସହ ପଞ୍ଚାନନ ଦାସଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା।

ଅନୁଗୋଳ ସହର ଉପକଣ୍ଠ ରାଣୀଗୁଡ଼ା ଶିବମନ୍ଦିର ସମ୍ମୁଖରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଅଞ୍ଚଳର ପଞ୍ଚାନନ ଦାସଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା କୋରାପୁଟରୁ। ଓଡ଼ିଶା ପୋଲିସ ବିଭାଗର ଡ୍ରିଲ୍ ପ୍ରଶିକ୍ଷକ ଭାବେ ସେ କୋରାପୁଟରେ ପ୍ରଥମ ପୋଷ୍ଟିଂ ପାଇଥିଲେ। ପେସା ପୋଲିସ ହୋଇଥିଲେ ବି ତାଙ୍କ ନିଶା ଥିଲା ଭିନ୍ନ କିଛି। ସ୍ତ୍ରୀ ଦୀପ୍ତିମୟୀ ଓ ଦୁଇ ପୁଅଙ୍କ ପାଖରୁ ଏ ନେଇ ପ୍ରେରଣା ପାଇ ସେ ଫୁଟ୍‌ପାଥ୍‌ରେ ମ୍ୟାଜିକ୍ ଦେଖାଉଥିବା ମ୍ୟାଜିସିଆନଙ୍କଠାରୁ ତାଲିମ ନେବା ଆରମ୍ଭ କଲେ। ସେଥିରେ କିଛିଟା ପରିପକ୍ୱତା ହାସଲ


ମ୍ୟାଜିକ ଟ୍ରେନର ପଞ୍ଚାନନ ଦାସ।

କରିବା ପରେ ୨୦୦୧ରେ ତାହାକୁ ନିଜ କର୍ମକ୍ଷେତ୍ରରେ ଉପଯୋଗ କଲେ। ଦୈନିକ ସକାଳ ଓ ସନ୍ଧ୍ୟାରେ ଡ୍ରିଲ୍ ବେଳେ ଏକାଗ୍ରତା ହରାଉଥିବା ନବାଗତ ପୋଲିସ ପ୍ରଶିକ୍ଷାର୍ଥୀମାନଙ୍କୁ ମ୍ୟାଜିକ୍ ଦେଖାଇ ସେମାନଙ୍କୁ ଠିକଣା ପ୍ରଶିକ୍ଷଣ ଦେବାରେ ସେ ସଫଳତା ପାଇପାରିଲେ। ତେବେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି) ଓ ପରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି ହିଁ ତାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଥିଲା। ସେଠାରେ ପୋଲିସ ପ୍ରଶିକ୍ଷକରୁ ସେ ପାଲଟି ଯାଇଥିଲେ ମ୍ୟାଜିକ୍‌ମ୍ୟାନ୍ ଟ୍ରେନ୍ର। ବିପିଏସ୍‌ପିଏରେ ପ୍ରଶିକ୍ଷଣ ଦେଉଥିବା ବେଳେ ଜଣେ ଓଡ଼ିଆ ଆଇପିଏସ୍ ଅଧିକାରୀ ତାଙ୍କ ମ୍ୟାଜିକ୍ ପ୍ରତିଭାରେ ଚକିତ ହୋଇଯାଇଥିଲେ। ଏଥିସହ ତାଙ୍କୁ ଅଧିକ ତାଲିମ ନେବାକୁ କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ମ୍ୟାଜିକ୍ ଏକାଡେମୀକୁ ପଠାଇଥିଲେ। ୬ ମାସର ତାଲିମ ଶେଷ କରି ସେ ୨୦୧୦ରେ ଓଡ଼ିଶା ଫେରି ବିଭିନ୍ନ ସ୍ଥାନରେ ମ୍ୟାଜିକ୍ ଦେଖାଇ ପ୍ରଶଂସା ପାଇବା ସହ ଆତ୍ମସନ୍ତୋଷ ଅନୁଭବ କଲେ। ତେବେ ଭୁବନେଶ୍ୱରରେ ଥିବା ପ୍ଲେଇଙ୍ଗ କାର୍ଡ ମାଷ୍ଟର ସୁକେଶ ପଟ୍ଟନାୟକ ଓ ସନ୍ତୋଷ ଚୌଧୁରୀଙ୍କ ପାଖରୁ ତାଲିମ ନେବାପରେ ତାଙ୍କ ଜୀବନର ମୋଡ଼ ବଦଳି ଗଲା। ତାଙ୍କ ଯାଦୁ ବିଦ୍ୟାରେ ଯେପରି ପର ଲାଗିଗଲା। ପିଟିସିରୁ ପ୍ରଶିକ୍ଷକ ଇନ୍ସପେକ୍ଟର ଭାବେ ୨୦୧୯ ମେ ମାସରୁ ଅବସର ଗ୍ରହଣ କରିଥିଲେ ବି ମ୍ୟାଜିକରୁ ସେ ଅବସର ନେଇନାହାନ୍ତି। ଇତିମଧ୍ୟରେ ୨ ହଜାରରୁ ଅଧିକ ସ୍ଥାନରେ ସେ ମ୍ୟାଜିକ୍ ଦେଖାଇସାରିଲେଣି। ରାଜସ୍ଥାନ, କେରଳ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ତାଙ୍କ ଯାଦୁବିଦ୍ୟାକୁ ବହୁ ପ୍ରଶଂସା ମିଳିଛି। ଭୁବନେଶ୍ୱରରେ ହୋଇଥିବା ବିଶ୍ୱସ୍ତରୀୟ ମ୍ୟାଜିକ୍ ଶୋ’ ସେ ଜିତିପାରି ନ ଥିଲେ ବି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେ ନିଜକୁ ଧନ୍ୟ ମନେ କରୁଥିବା ପଞ୍ଚାନନ କହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ପୋଲିସ ସମ୍ମିଳନୀ, ଆଇଏଏସ୍ ସମ୍ମିଳନୀରେ ସେ ନିଜ ଯାଦୁ ବିଦ୍ୟାର ଅନେକ ଛାପ ଛାଡ଼ିଛନ୍ତି। ତାଙ୍କ ନିକଟରୁ ମ୍ୟାଜିକ ଶିଖିଥିବା ୭୦ରୁ ଊର୍ଦ୍ଧ୍ୱ ପିଲାଙ୍କ ମଧ୍ୟରୁ ୭ ଜଣ ଏହାକୁ ବୃତ୍ତି କରିଥିବାବେଳେ ଢେଙ୍କାନାଳ ଜିଲାର ବିଷ୍ଣୁ ପ୍ରସାଦ ବେହେରା ଜାତୀୟସ୍ତରୀୟ ଏକ ଘରୋଇ ଚ୍ୟାନେଲରେ ପ୍ରସାରିତ ରିଅଲଟି ଶୋ’ ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟର ଜୁରୀମାନଙ୍କୁ ଆକୃଷ୍ଟ କରିପାରିବା ତାଙ୍କ ପାଇଁ ଗର୍ବର ବିଷୟ। ମ୍ୟାଜିକ୍‌ରୁ ମିଳୁଥିବା ଅର୍ଥକୁ ସେ ବିଭିନ୍ନ ସାମାଜିକ ମଙ୍ଗଳ କାର୍ଯ୍ୟ ପାଇଁ ଦାନ କରୁଛନ୍ତି। ତେବେ ମ୍ୟାଜିକ୍ ବିଦ୍ୟାର ଏକ କୋର୍ସ ସ୍କୁଲ୍‌ଶିକ୍ଷାରେ ଲାଗୁ କରାଗଲେ ପାଠପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକାଗ୍ରତା ଅଧିକ ବଢ଼ିପାରନ୍ତା ବୋଲି ପଞ୍ଚାନନ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା’ ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ’ ତୋରାଣି।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା’ ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୬ ଯୁବତୀ, ୩ ନାବାଳିକା ଉଦ୍ଧାର

ଜୟପୁର, ୧୫।୩(ଡି.ଏନ୍.ଏ.)

- ଆନ୍ଧ୍ର ପରିବହନ ନିଗମ ବସ୍‌ରୁ ଉଦ୍ଧାର
- ଉଦ୍ଧାର କଲା ଶ୍ରମ ବିଭାଗ, ଚାଇଲ୍ଡ ଲାଇନ
- ଆନ୍ଧ୍ର ଚିଙ୍ଗୁଡ଼ି ଫାର୍ମରେ କାମ କରିବାକୁ ଯାଉଥିଲେ

ନବରଙ୍ଗପୁର ଜିଲାରୁ ବିଶାଖପାଟଣା ଚାଲାଣ ହେଉଥିବା ୩ ଜଣ ନାବାଳିକା ଓ ୬ ଜଣ ଯୁବତୀଙ୍କୁ ରବିବାର ଉଦ୍ଧାର କରାଯାଇଛି। କୋରାପୁଟ ଜିଲା ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ଆନ୍ଧ୍ରପ୍ରଦେଶ ପରିବହନ ନିଗମର ବସ୍‌ରୁ ସେମାନଙ୍କୁ ଅପରାହ୍ନ ୫ଟାରେ ଉଦ୍ଧାର କରିଛି ଶ୍ରମ ବିଭାଗ। ଯୁବତୀ ଓ ନାବାଳିକାଙ୍କୁ ଚାଲାଣ କରୁଥିବା ଦଲାଲ ସେଠାରୁ କୌଶଳକ୍ରମେ ଚମ୍ପଟ ମାରିଛନ୍ତି। ଯୁବତୀ ଓ ନାବାଳିକାମାନେ ନବରଙ୍ଗପୁର ଜିଲା ସଦର, ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି ଥାନା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କୁ ଆନ୍ଧ୍ରପ୍ରଦେଶର ଚିଙ୍ଗୁଡି ଫାର୍ମରେ ଶ୍ରମିକ ଭାବେ କାମ କରାଇବା ପାଇଁ ନିଆଯାଉଥିବା ଉଦ୍ଧାର ଯୁବତୀମାନେ ପ୍ରକାଶ କରିଛନ୍ତି। ସେମାନଙ୍କୁ ବିଶାଖାପାଟଣା ନିଆଯାଉଥିବା ଖବର ପାଇବା ପରେ ଶ୍ରମ ବିଭାଗ ଓ ଚାଇଲ୍ଡ ଲାଇନ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ଏଥିରେ ଯୁବତୀ ଓ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଟାଉନ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଛି। ସମସ୍ତଙ୍କୁ ନବରଙ୍ଗପୁର ଶ୍ରମ ବିଭାଗକୁ ହସ୍ତାନ୍ତର କରାଯାଇ ପରେ ସେମାନଙ୍କ ଘର ନବରଙ୍ଗପୁର ଜିଲାକୁ ପଠାଯିବ ବ୍ୟବସ୍ଥା କରାଯିବ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

କାଳିମେଳା, ୧୫।୩(ଡି.ଏନ.ଏ.)

ଜଣେ ନାବାଳିକା (୧୬)ଙ୍କୁ ବଳାତ୍କାର କରାଯାଇଥିବା କାଳିମେଳା ଥାନାରେ ଅଭିଯୋଗ ହୋଇଛି । ଏ ନେଇ କାଳିମେଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଖବରରୁ ଜଣାପଡିଛି ନାବାଳିକା ଜଣକ କାଳିମେଳା ବ୍ଲକ ଅନ୍ତର୍ଗତ ଉଣ୍ଡୁକୋଣ୍ଡା ପଞ୍ଚାୟତ ଏମଭି-୧୨୫ ଗ୍ରାମର ଅଜିତ ମଣ୍ଡଳ (୫୦)ଙ୍କ ସହ ଗତ ୧୦ ତାରିଖ ରାତିରେ ପଟେରୁଠାରେ ଚାଲିଥିବା ହୋଲି ଉତ୍ସବ ଦେଖିବାକୁ ଯାଇଥିଲେ। ଏମ୍‌ପିଭି-୩୧ ଗ୍ରାମ ନିକଟରେ ଅଜିତ ବାଇକ ରଖି ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ପରେ ଏ ବିଷୟରେ ନିଜ ଘରେ ସବୁକଥା କହିବା ପରେ ତାଙ୍କ ବାପା ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ କୌଣସି ସମାଧାନ ନ ହେବାରୁ ଗତ ୧୩ ତାରିଖରେ ନାବାଳିକାଙ୍କ ବାପା କାଳିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୩୪/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଜିତଙ୍କୁ ଥାନାରେ ଅଟକ ରଖିଛି । ଅଭିଯୁକ୍ତ ଏବଂ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି ବୋଲି ପୋଲିସ ପ୍ରକାଶ କରିଛି।

# ତାରାଙ୍କ ବିରୋଧରେ ତଦନ୍ତ ଦାବି ତେଜିଲା

ଜୟପୁର, ୧୫।୩(ଡି.ଏନ୍.ଏ.)

**୫୦୦ କୁଇଣ୍ଟାଲ ଧାନବିକା ପ୍ରସଙ୍ଗ**

ମଣ୍ଡିରେ ୫ ଶହ କୁଇଣ୍ଟାଲରୁ ଅଧିକ ଧାନ ବିକିଥିବା କୋରାପୁଟ ଜିଲାର ୧୨ ଜଣ ଚାଷୀଙ୍କ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ଦ୍ୱାରା ଗଠିତ ଟିମ୍ ତଦାରଖ କରୁଛି। ଉପରୋକ୍ତ ଚାଷୀଙ୍କ ମଧ୍ୟରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ରହିଥିବାରୁ ଏହାକୁ ନେଇ ବିବାଦ ଓ ଚର୍ଚ୍ଚା ବଢୁଛି। ବିଧାୟକ ନିଜ ଜମିରେ ଏତେ ପରିମାଣର ଧାନ ଉତ୍ପାଦନ କରିବା ନେଇ ସନ୍ଦେହ ପ୍ରକଟ କରି ଜିଲା ଯୁବ ସଂଗଠନ ଏହାର ତଦନ୍ତ ଦାବି କରିଛି। ଯୁବ ସଂଗଠନ ଆବାହକ ତଥା ଏଆଇସିସିର ସଦସ୍ୟ ଥିବା ରବୀନ୍ଦ୍ର ମହାପାତ୍ର ନିଜ ଦଳର ଜଣେ ନେତାଙ୍କ ବିରୋଧରେ ତଦନ୍ତ ଦାବି କରିବା ଚର୍ଚ୍ଚାକୁ ବେଶୀ ଖୋରାକ ଯୋଗାଇଛି।

ଖବରଦାତା ସମ୍ମିଳନୀରେ ସଂଗଠନ ଅଭିଯୋଗ କରିଛି, ବିଧାୟକ ବାହିନୀପତି ୫ଥର କୋରାପୁଟ ବ୍ଲକ ମହାଦେଇପୁଟ ମଣ୍ଡିରେ କ୍ରୟକାରୀ ସଂସ୍ଥା ଡୁମୁରିପୁଟ ଲ୍ୟାମ୍ପକୁ ୫୦୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ଧାନ ବିକ୍ରି ବାବଦକୁ ୯


ଖବରଦାତା ସମ୍ମିଳନୀରେ ଯୁବ ସଂଗଠନର ଆବାହକ ଓ ଅନ୍ୟ ସଦସ୍ୟ ।

ଲକ୍ଷ ୭ ହଜାର ୮୦୦ ଟଙ୍କା ତାଙ୍କର ବ୍ୟାଙ୍କଖାତାକୁ ଟ୍ରାନ୍ସଫର ହୋଇଛି। ବିଧାୟକ ଯେଉଁ ଜମିର ବିବରଣୀ ଦେଇଛନ୍ତି, ତାହା ପଥୁରିଆ, ଜଙ୍ଗଲ ଓ ଆମ୍ବ ବଗିଚା ରହିଛି। ପୂର୍ବରୁ ସେହି ଜମିରୁ କେବେ ଧାନ ବିକ୍ରି ହୋଇ ନ ଥିବାବେଳେ ହଠାତ ସେଥିବରୁ କିଭଳି ୫ଶହ କୁଇଣ୍ଟାଲରୁ ଅଧିକ ଧାନ ଉତ୍ପାଦନ ହେଲା, ତାହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଯୁବ ସଙ୍ଗଠନ। ସ୍କାନରରୁ ତାଙ୍କର ପ୍ରକୃତ ଚାଷୀ ପରିଚୟ ନେଇ ଯାଞ୍ଚ, ତାଙ୍କ ଜମିକୁ କେଉଁ ଜଳଉତ୍ସରୁ ପାଣି ଯୋଗାଣ ହୋଇଛି, ଆର୍‌ଆଇ ରସିଦ, ଜଳକର ରସିଦ, ଜଳସେଚନ ବିଭାଗ ଜେଇଙ୍କ ସାର୍ଟିଫିକେଟର ଯାଞ୍ଚ ପାଇଁ ମଧ ଦାବି ହୋଇଛି।

### ସମସ୍ତ ତଦନ୍ତ ପାଇଁ ପ୍ରସ୍ତୁତ: ତାରା

ଅନ୍ୟପକ୍ଷରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଗଠିତ ତଦନ୍ତକାରୀ ଦଳ ତଦନ୍ତ କରୁଛି। ଅନ୍ୟ କୌଣସି ଉଚ୍ଚସ୍ତରୀୟ ତଦନ୍ତର ସମ୍ମୁଖୀନ ହେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ଥିବା ବାହିନୀପତି କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ଚାଷ କରିବା କିମ୍ବା ଏହାକୁ ବିକ୍ରି କରିବା ମନା କି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଏଭଳି ଅଭିଯୋଗ ଆଣିଥିବା ବ୍ୟକ୍ତିମାନେ ଅର୍ଥଲୋଭରେ ବିରୋଧୀଙ୍କ ସହ ମିଶି ଏପରି କରିଥାଇପାରନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ଗଉଡ଼ଗୁଡା ଗ୍ରାମରେ ହଳପଡ଼ା ଯାତ୍ରା

ଚିତ୍ରକୋଣ୍ଡା, ୧୫।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ଗଉଡ଼ଗୁଡ଼ାସ୍ଥିତ ମା’ ସୀତାପାଦ ମନ୍ଦିର ପରିସରରେ ହଳପଡ଼ା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏଥିପାଇଁ ପୂର୍ବରୁ ୩ ପଞ୍ଚାୟତ ଦୋରାଗୁଡା, ନୂଆଗୁଡା ଓ ଗୁଣ୍ଠାୱାର୍ଡା ପଞ୍ଚାୟତ ଅଧୀନ ଗ୍ରାମଗୁଡିକର ଗ୍ରାମ ନାଏକ (ମୁଖିଆ)ମାନଙ୍କୁ ନେଇ ସୀତାପାଦ ମନ୍ଦିରରେ ଏକ ବୈଠକ ବସିଥିଲା। ଶୁକ୍ରା ମୁଦୁଲି ଓ ଅଭି ଶୁକ୍ରିଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଅନୁସାରେ ସୀତାପାଦ ମନ୍ଦିରରେ ସକାଳୁ ରାତି ପାହିବା ଯାଏ କଳସ ଯାତ୍ରା, ପୂଜା ପାଠ, ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, କୋରାପୁଟିଆ ଦେଶିଆ ନାଟ ଆଦି ହୋଇଥିଲା। ଯାତ୍ରା ଶେଷରେ ନିର୍ମିତ ହୋଇଥିବା ୬୦ ଫୁଟ ଉଚ୍ଚର କାଠ ତିଆରି ପ୍ରତିସ୍ତୁପରେ ଅଗ୍ନି ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁ ପୂଜାରୀ, ଲକ୍ଷ୍ମଣ ଖରା, ରାମ ଗଲରି, ଅର୍ଜୁନ ମୁଦୁଲି, ଗୋବର୍ଦ୍ଧନ ଖରା ପରିଚାଳନା କରିଥିଲେ।

# ମୂର୍ତ୍ତିଭଙ୍ଗା ଘଟଣାର ତଦନ୍ତ ଆରମ୍ଭ


ଘଟଣାସ୍ଥଳରେ ତଦନ୍ତ କରୁଛି ସ୍ୱତନ୍ତ୍ର ଟିମ୍ ।

ଦଶମନ୍ତପୁର, ୧୫।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଗୁମ୍ମାରେ ଠାକୁରାଣୀ ମୂର୍ତ୍ତି ଭଙ୍ଗାରୁଜା ଘଟଣାର ତଦନ୍ତ ପାଇଁ ରବିବାର ଗାଁରେ ପହଞ୍ଚିଛି ତଦନ୍ତକାରୀ ଟିମ୍। ଗ୍ରାମରେ ପୂଜା ପାଉଥିବା ଠାକୁରାଣୀ ଗୁଡ଼ିଙ୍କ ଯାତ୍ରା ପାଇଁ ଆଉ ମାତ୍ର ୧୦ ଦିନ ଥିବାବେଳେ ମା’ଙ୍କ ପୀଠରେ ତାଙ୍କ ମୂର୍ତ୍ତି ଭଙ୍ଗାରୁଜା ଘଟଣାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସ୍ଥାନୀୟ ଗିର୍ଲିଗୁମ୍ମା ଅଞ୍ଚଳବାସୀ ଓ ଦଶମନ୍ତପୁରସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ ଦଶମନ୍ତପୁର ଥାନା ଅଧିକାରୀ କ୍ଷିରେଶ୍ୱର ସାହୁଙ୍କୁ ଏତଲା ଦେଇଥିଲେ। ଥାନା ଅଧିକାରୀ ସାହୁଙ୍କ ନେତୃତ୍ୱରେ ରିଜର୍ଭ କାର୍ଯ୍ୟାଳୟ କୋରାପୁଟରୁ ଏକ ତଦନ୍ତକାରୀ ଟିମ୍ ଗାଁରେ ପହଞ୍ଚିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିବା ପୂର୍ବରୁ ଭଙ୍ଗାରୁଜା ହୋଇଥିବା ମା’ଙ୍କ ମୂର୍ତ୍ତିଟି ପୁଣି ଯୋଡ଼ା ହୋଇଥିବା ଦେଖିବାକୁ ମିଳିଛି।

# ସ୍କୁଲରେ ତାଲା ପକାଇ ୬ ମାସ ହେଲା ଆସୁନାହାନ୍ତି ଶିକ୍ଷୟିତ୍ରୀ

ଜୟପୁର, ୧୫।୩(ନି.ପ୍ର.)

ଦଶହରା ଛୁଟି ପରେ ବନ୍ଦ ରହିଛି ବିଦ୍ୟାଳୟ ଅଫିସ ଗୃହ। ଅନ୍ୟପକ୍ଷରେ ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀର ପିଲା। ଜଣେ ଶିକ୍ଷୟିତ୍ରୀ ହିଁ ସେମାନଙ୍କୁ ପଢ଼ାଉଛନ୍ତି। ସ୍କୁଲ ଅଫିସ ଓ ଦୁଇଟି ଶ୍ରେଣୀଗୃହରେ ତାଲା ପକାଇ ଦୀର୍ଘ ୬ ମାସ ହେଲା ଆସୁନାହାନ୍ତି ଭାରପ୍ରାପ୍ତ ଶିକ୍ଷୟିତ୍ରୀ। ଜୟପୁର ନିକଟସ୍ଥ ଅନ୍ତା ପଞ୍ଚାୟତ ପି. ବାୟାଗୁଡା ପ୍ରାଥମିକ ବିଦ୍ୟାଳୟର ଏ ହେଉଛି ଅବ୍ୟବସ୍ଥାର ଚିତ୍ର। ଜୟପୁରରୁ ମାତ୍ର ୩ କିଲୋମିଟର ଦୂରରେ ସ୍କୁଲଟି ରହିଥିବା ବେଳେ କାହାରି ନଜର ଏହା ଉପରେ ପଡ଼ିନାହିଁ। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୫୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ପଢ଼ାଉଥିବା ଏକମାତ୍ର ଶିକ୍ଷୟିତ୍ରୀ ଜଣକ ଅସୁସ୍ଥ ହେଲେ କିମ୍ବା ଅଫିସ କାର୍ଯ୍ୟରେ ଗଲେ ବିଦ୍ୟାଳୟ ଫାଙ୍କା ପଡୁଛି। ଦୀର୍ଘଦିନ ହେବ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଆସୁ ନ ଥିବା ପିଲାଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ କହିଛନ୍ତି, ଯଥାଶୀଘ୍ର ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ପି. ବାୟାଗୁଡା ବିଦ୍ୟାଳୟରେ ଗୋଟିଏ ଶ୍ରେଣୀରେ ଏକାଠି ହୋଇଛନ୍ତି ପିଲା ।

# ଅପପ୍ରଚାର କଲେ କାର୍ଯ୍ୟାନୁଷ୍ଠାନ


ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ କରୋନା ମୁକାବିଲା ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀ ।

ସେମିଳିଗୁଡ଼ା, ୧୫।୩(ସ୍ୱ.ପ୍ର.)

**କରୋନା ମୁକାବିଲା**

- ଖବରଦାତା ସମ୍ମିଳନୀ ଡାକିଲେ ଜିଲାପାଳ

କରୋନା ମୁକାବିଲା ପାଇଁ କୋରାପୁଟ ଜିଲା ପ୍ରଶାସନ ତତ୍ପର ହୋଇପଡ଼ିଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ନିଜ କନଫରେନ୍ସ ହଲ୍‌ରେ ରବିବାର ଏକ ଜରୁରୀ ଖବରଦାତା ସମ୍ମିଳନୀ ଡାକିଛନ୍ତି। ଏଥିରେ ସେ କରୋନ ଭାଇରସର ମୁକାବିଲା ପାଇଁ ଆତଙ୍କିତ ନ ହୋଇ ସଚେତନ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କୋରାପୁଟ ଜିଲାର ୪ଟି ୟୁଏଲବି, ୧୪ଟି ବ୍ଲକରେ ଥିବା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର, ପିଆର୍‌ଓ ନିଜ ଅଞ୍ଚଳରେ ଆସନ୍ତା ଦୁଇଦିନ ଧରି ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନରେ ଯେଉଁଠି ୫୦ରୁ ୬୦ ଜଣ ରହିପାରିବେ, ସେଠାରେ ପାନୀୟ ଜଳ, ଆଲୁଅ, ପରିମଳ ଭଳି ଜରୁରୀ ବ୍ୟବସ୍ଥା କରାଯିବ। ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀଙ୍କୁ ସେଣ୍ଟର ଖୋଲା ରଖିବା ସହ ଗର୍ଭବତୀ ଓ ଶିଶୁଙ୍କୁ ଖାଦ୍ୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଜିଲାରେ କରୋନା ସମ୍ପର୍କରେ ଅପପ୍ରଚାର କରି ଆତଙ୍କିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଜିଲାରେ ରହିଥିବା ସିନେମା ହଲ ଓ ଜିମ୍‌ଖାନା ବନ୍ଦ କରିବା ସହ ରାଜ୍ୟ ଓ ଦେଶ ବାହାରୁ ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ସମସ୍ତ ବିବରଣୀ ପର୍ଯ୍ୟଟନ ଅଫିସରଙ୍କ ଜରିଆରେ ଜିଲା ଜରୁରୀ ବିଭାଗକୁ ଦେବା ପାଇଁ ସମସ୍ତ ହୋଟେଲକୁ ଜଣାଇ ଦିଆଯାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ସିଡିଏମଓ ମକରାନନ୍ଦ ବେଉରା, ଏଡିଏମ୍‌ଓ ଅରୁଣ ପାଢ଼ୀ, ଡିଆରଡିଏ ପିଡି ପ୍ରବୀର ନାୟକ, ଜିଲା ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ରାୟଗୁରୁ, ଟୁରିଷ୍ଟ ଅଫିସର ଏସ୍. ଲିମା ଉପସ୍ଥିତ ଥିଲେ।

## କରୋନା ପାଇଁ ହେବ ସ୍ୱତନ୍ତ୍ର ୱାର୍ଡ

**ପୁରାତନ ଚିକିତ୍ସାଳୟର ୩ କକ୍ଷରେ ରହିବ ୫୦ ଶଯ୍ୟା**

ଜୟପୁର, ୧୫।୩(ଡି.ଏନ୍.ଏ.)

କରୋନା ଆତଙ୍କକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ଜୟପୁର ସହରରେ ଥିବା ପୁରାତନ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କରୋନା ରୋଗୀଙ୍କ ପାଇଁ ଚିକିତ୍ସାଳୟର ତିନୋଟି କକ୍ଷରେ ୫୦ ଶଯ୍ୟାବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତି ପାଇଁ ଅଧିକାରୀସ୍ତରୀୟ ଏକ ଦଳ ରବିବାର ଯାଞ୍ଚ କରିଛନ୍ତି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବାହ୍ନରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅରୁଣ ସାହୁ, ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ବେହେରା, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଚିରଞ୍ଜୀବୀ ମାହାଲି, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଏନ୍‌ଏଚ୍‌ଆର୍‌ଏମ୍‌ର ଜେ.ଇ. ଶାରଦା ପ୍ରସାଦ ରଥ ପୁରାତନ ଚିକିତ୍ସାଳୟରେ ନିର୍ମାଣ ହେବାକୁ ଥିବା ୱାର୍ଡ଼ ତଦାରଖ କରିଛନ୍ତି। ସେହି ୱାର୍ଡ଼ରେ ୨୪ ଘଣ୍ଟିଆ ଆଲୋକ, ପ୍ୟାନ ଓ ଜଳ ବ୍ୟବସ୍ଥା କରାଯିବ। ୱାର୍ଡର ପ୍ରତ୍ୟେକ କୋଠରିର ସମସ୍ତ ଝରକା, କବାଟ ବନ୍ଦ ରଖାଯିବ। ୱାର୍ଡ଼ର ମରାମତି ଓ ଅନ୍ୟ ନିର୍ମାଣ ବାବଦକୁ ପ୍ରାୟ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ବୈଷୟିକ ବିଭାଗ ପକ୍ଷରୁ ଏହାର ଖର୍ଚ୍ଚ ବରାଦ ନେଇ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରି ୧୦ ଦିନ ଭିତରେ ଦେବାକୁ କୁହାଯାଇଛି।


ପୁରାତନ ଚିକିତ୍ସାଳୟ ବୁଲି ଦେଖୁଛନ୍ତି ପ୍ରଶାସନିକ ଟିମ୍ ।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
- ମହାତ୍ମାଗାନ୍ଧୀ

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାୟଗଡ଼ା ଅଫିସ,୧୫ା୩:** ରାୟଗଡ଼ା ଜିଲା ଗୁଡ଼ାରୀର ବାସୁଦେବ ଶବର (୨୮) ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ସେନେଇ କିଛି ସ୍ପଷ୍ଟ ହୋଇନାହିଁ । ବାସୁଦେବ ଗୁଡ଼ାରୀରୁ ଲକ୍ଷ୍ମୀପୁର ଯାଉଥିଲେ । କୌଣସି କାରଣରୁ ସେ ଗୁମ୍ମା ଘାଟି ରାସ୍ତା କଡ଼ରେ ପଡ଼ି ଯାଇଥିଲେ । ଏହି ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ଟିକିରି କମ୍ପାନୀର କେତେକ କର୍ମଚାରୀ ତାଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ମାନସିକ ଚାପରେ ଥିବା ନେଇ ପରିବାର ଲୋକେ କହିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ବିମଲ କଅଁର ପ୍ରକାଶ କରିଛନ୍ତି ।

### ମଝିଘରିଆଣୀ ପଲ୍ୟୁଶନ ଟେଷ୍ଟିଂ ସେଣ୍ଟର ଲାଇସେନ୍ସ ରଦ୍ଦ

**ରାୟଗଡ଼ା ଅଫିସ ,୧୫ା୩:** ମା' ମଝିଘରିଆଣୀ ପଲ୍ୟୁଶନ ଟେଷ୍ଟିଂ କେନ୍ଦ୍ରର ଲାଇସେନ୍ସକୁ ୩ ମାସ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇ ରବିବାର ରଦ୍ଦ କରିଛନ୍ତି । ଏହି କେନ୍ଦ୍ରରେ ଅନିୟମିତତା ହେଉଥିବା କାଗଜ ପତ୍ର ଯାଞ୍ଚ କରିବା ପରେ ଜଣାପଡ଼ିଥିଲା । ପରେ ଉକ୍ତ କେନ୍ଦ୍ରର ଲାଇସେନ୍ସକୁ ୩ ମାସ ପାଇଁ ରଦ୍ଦ କରାଯାଇଛି । ସୂଚନାଯୋଗ୍ୟ ଯେ, ଗଜପତି ଏମଭିଆଇ ଏକ ଟ୍ରକ (ନମ୍ବର ଓ ଆର ୧୮ ସି /୩୮୩୭)ର କାଗଜ ପତ୍ର ଯାଞ୍ଚ କରି ଗାଡ଼ି ଜବତ କରିଥିଲେ । ଏଥିସହ ୫ା୩ା୨୦୨୦ରେ ଏକ ଭିସିଆର କାଟିଥିଲେ । ପରବର୍ତ୍ତୀ ସମୟରେ ଗାଡ଼ିର ମାଲିକ ୧୧ା୩ା୨୦୨୦ ତାରିଖରେ ଏକ ପଲ୍ୟୁଶନ ପ୍ରମାଣପତ୍ର ଗଜପତି ଆରଟିଓ କାର୍ଯ୍ୟାଳୟରେ ଦାଖଲ କରିଥିଲେ । ଗାଡ଼ି ଗଜପତିରେ ଥିବା ସମୟରେ କିପରି ରାୟଗଡ଼ାରେ ପଲ୍ୟୁଶନ ସାର୍ଟିଫିକେଟ ପ୍ରଦାନ କରାଗଲା। ସେନେଇ ଗଜପତି ଏମଭିଆଇ ରାୟଗଡ଼ାର ଆରଟିଓଙ୍କୁ ଏକ ପତ୍ର ଲେଖିଥିଲେ । ରାୟଗଡ଼ା ଆରଟିଓ ଏହା ଯାଞ୍ଚ କରି ମା' ମଝିଘରିଆଣୀ ପଲ୍ୟୁଶନ ଟେଷ୍ଟିଂ କେନ୍ଦ୍ର ପକ୍ଷରୁ ଏହି ପ୍ରମାଣ ପତ୍ର ଦିଆଯାଇଥିବା ଜଣାଯାଇଥିଲା । ପରେ ଏହି କେନ୍ଦ୍ରର ଲାଇସେନ୍ସକୁ ରଦ୍ଦ କରିଥିଲେ ।

### ଅଟୋ-ବାଇକ ଧକ୍କା ବାଇକ ଚାଳକ ମୃତ

**ଜୟପୁର,୧୫ା୩(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁର ସଦରଥାନା କଙ୍ଗା ଗ୍ରାମ ନିକଟସ୍ଥ ନାଗାଲୁନି ପାହାଡ଼ ପାଖରେ ଅଟୋ-ବାଇକ ମୁହାଁମୁହିଁ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି କୋଟପାଡ଼ ଥାନା ବାସୁଲି ଗ୍ରାମର ଭାବେ ତ୍ରିପତି ପୂଜାରୀ (୨୩)। ଅନ୍ୟ ଜଣେ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି । ସେ ହେଲେ ନୀଳାମ୍ବର ଅମନାତ୍ୟ (୨୦)। ତାଙ୍କ ଗୋଡ଼ ଭାଙ୍ଗି ସେ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାଇକ୍‌କୁ ଧକ୍କା ଦେଇ ଘଟଣାସ୍ଥଳରୁ ଅଟୋ ଚମ୍ପଟ ମାରିଛି । ଏନେଇ ଏକ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ନୌପଡା-ଗୁଣପୁର ରେଳପଥ ହେଲା ବିଦ୍ୟୁତୀକରଣ

# ରେଳ ନିରାପତ୍ତା କମିଶନର, ଡିଆରଏମ୍ କଲେ ଯାଞ୍ଚ



ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।



ବିଦ୍ୟୁତ ଚାଳିତ ଇଞ୍ଜିନରେ ଚଳାଚଳ କରୁଥିବା ଟ୍ରେନ ।

■ ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ
■ ଗୁଣପୁର ଷ୍ଟେଶନରେ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ
■ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ଆରମ୍ଭ ଦାବି

**ଗୁଣପୁର,୧୫ା୩(ଡି.ଏନ.ଏ)**

ନୌପଡା-ଗୁଣପୁର ରେଳପଥ ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି। ରବିବାର ରେଳବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏହା ଯାଞ୍ଚ କରିଛନ୍ତି । ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ କଲିକତାସ୍ଥିତ ରେଳ ନିରାପତ୍ତା କମିଶନର ଅଭୟ କୁମାର ରାୟ, ୱାଲଟର ଡିଭିଜନ ଡିଆରଏମ ଚେତନ କୁମାର ଶ୍ରୀବାସ୍ତବ, ଚିଫ ଇଲେକ୍ଟ୍ରିକାଲ ଇଂଜିନିୟର ବି.ପଣ୍ଡା, ଚିଫ ଟ୍ରାଫିକ ମ୍ୟାନେଜରଙ୍କ ସମେତ ବିଭାଗର ବହୁ ଅଧିକାରୀ ଗୁଣପୁର ଷ୍ଟେଶନରେ ପହଞ୍ଚିଥିଲେ । ନୌପଡା ରେଳପଥରେ ହୋଇଥିବା ବିଦ୍ୟୁତୀକରଣ କାର୍ଯ୍ୟ ଯାଞ୍ଚ କରିଥିଲେ। ଏଥିସହ ଗୁଣପୁରଠାରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଗୁଣପୁର ଫାଟକ ସମ୍ମୁଖରେ ବାଇକ୍ ଏବଂ ଅଟୋଗୁଡିକ ଯୋଗୁ ଯାତାୟତରେ ଅସୁବିଧା ହେଉଛି। ତେଣୁ ଷ୍ଟେଶନରେ ପାର୍କିଂ ବ୍ୟବସ୍ଥା କରିବାକୁ ଡିଆରଏମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୁଣପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଆରଏମ ଶ୍ରୀବାସ୍ତବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ଦାବି କରାଯାଇଥିଲା । ବିଦ୍ୟୁତୀକରଣ କାର୍ଯ୍ୟ ହୋଇଥିବାରୁ ଭୁବନେଶ୍ୱର-ପଲାସା ଇଏମୟୁ ଟ୍ରେନକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ପଲାସା-ଗୁଣପୁର ଫାଷ୍ଟ ପାସେଞ୍ଜର ଟ୍ରେନର ସମୟ ପରିବର୍ତ୍ତନ, ସିକନ୍ଦରାବାଦ-ବିଶାଖାପାଟଣା ଗରିବ ରଥକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, କଟକ-ପଲାସା ପାସେଞ୍ଜର ଟ୍ରେନକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ପେଦାସନା, ଗଙ୍ଗୱାଡା, ହାଡୁବାଙ୍ଗି ଏବଂ ଲିହୁରି ଷ୍ଟେଶନରେ ଟ୍ରେନ କ୍ରସିଂ ପାଇଁ ଦ୍ୱିତୀୟ ରେଳ ଧାରଣା ନିର୍ମାଣ, ଗୁଣପୁରଠାରେ ଫୁଟ ଅଭରବ୍ରିଜ, ଗୁଣପୁର ଏବଂ ପାରଳାଖେମୁଣ୍ଡିଠାରେ ଦ୍ୱିତୀୟ ପ୍ଲାଟ ଫର୍ମର ନିର୍ମାଣ ଆଦି ଦାବି କରାଯାଇଥିଲା । ବର୍ତ୍ତମାନ ୯୫ ପ୍ରତିଶତ ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି। ବିଦ୍ୟୁତ୍ ଚାଳିତ ଟ୍ରେନ ଚାଲିବା ପରେ ଇଏମୟୁ ଟ୍ରେନକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ । ଗୁଣପୁର ଏବଂ ପାରଳାଖେମୁଣ୍ଡି ପ୍ଲାଟ ଫର୍ମର ଉଚ୍ଚତା ବୃଦ୍ଧି ପାଇଁ ଟେଣ୍ଡର ହୋଇଛି । ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାନ, ପାନୀୟ ଜଳ ଏବଂ ଶୌଚାଳୟର ସୁବିଧା , ଗୁଣପୁର ଏବଂ ପାରଳାଖେମୁଣ୍ଡି ଷ୍ଟେଶନରେ ୨ୟ ପ୍ଲାଟ ଫର୍ମ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ,ଷ୍ଟେଶନରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟର ଉନ୍ନତୀକରଣ କାର୍ଯ୍ୟ ଶୀଘ୍ର କରାଯିବ ବୋଲି ଡିଆର୍‌ଏମ୍ ଶ୍ରୀବାସ୍ତବ କହିଥିଲେ । ଆନ୍ଧ୍ର -ଓଡିଶା ରେଳ ବ୍ୟାବହାରିକ ସଂଘ, ନବ ନିର୍ମାଣ ସମିତି ଏବଂପ୍ରେସ କ୍ଲବ ତରଫରୁ ଦାବିପତ୍ର ଡିଆରଏମଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ଉପ ସଭାପତି ଉମା ଶଙ୍କର ଦାସ, ପ୍ରେସକ୍ଲବ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ଯୁବ ଆଇନଜୀବୀ ରମେଶ ଲିମା ପ୍ରମୁଖ ଉପସ୍ଥିତ ଥିଲେ ।

# ସଭାପତି ଲଢ଼େଇରେ ୨ ବିଜେଡି ନେତା

## ୨୮ରେ ଓକିଲ ସଂଘ ନିର୍ବାଚନ

**ଗୁଣପୁର,୧୫ା୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଆସନ୍ତା ୨୮ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଚାର ଅଭିଯାନ ଜୋର ଧରି ନ ଥିଲେ ମଧ୍ୟ ନିର୍ବାଚନକୁ ନେଇ ରୋମାଞ୍ଚ ଆରମ୍ଭ ହୋଇଗଲାଣି। ଗତ ବର୍ଷଠାରୁ ରାଜ୍ୟ ବାର୍ କାଉନସିଲ ଏକସଙ୍ଗରେ ସମସ୍ତ ଓକିଲ ସଂଘର ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନେଇଛି। ଗତ ବର୍ଷ ସଭାପତି ପଦ ପାଇଁ ସହମତି ଭିତ୍ତିରେ ଚୟନ ହୋଇ ଫଣି ଭୂଷଣ ପଟ୍ଟନାୟକଙ୍କୁ ସଭାପତି କରାଯାଇଥିଲା। କେବଳ ସଂପାଦକ ପଦ ପାଇଁ ବିଶ୍ୱନାଥ ସାହୁ ଓ ରମେଶ ଲିମାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ବିଶ୍ୱନାଥ ସାହୁ ବିଜୟ ଲାଭ କରିଥିଲେ। ପୂର୍ବରୁ ସଭାପତି ପଦ ପାଇଁ ସହମତି ଭିତ୍ତିରେ ଚୟନ କରାଯାଉଥିବା ବେଳେ ଚଳିତ ବର୍ଷ ପରମ୍ପରା ବଦଳି ନିର୍ବାଚନ ହେବାକୁ ଯାଉଛି। ଏଥର ସଭାପତି ପଦ ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ ଓ ଗଦାଧର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଦୁହେଁ ବିଜେଡିର ବରିଷ୍ଠ ନେତା ହୋଇଥିବା ବେଳେ ସେମାନଙ୍କ ଭିତରେ ଲଢ଼େଇ ନିର୍ବାଚନ ରାଜନୀତି ପାଣିପାଗକୁ ସରଗରମ କରିଛି। ଉଲ୍ଲେଖଯୋଗ୍ୟ, ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ସଭାପତି ଫଣିଭୂଷଣ ପଟ୍ଟନାୟକ ଓ ବିଜେଡି ନେତା ରାଜେନ୍ଦ୍ର ପାଢ଼ୀ ନାମାଙ୍କନପତ୍ର ଦାଖଲ କରିଥିଲେ ମଧ୍ୟ ପରେ ତାହା ପ୍ରତ୍ୟାହାର କରିନେଇଥିଲେ। ସଂପାଦକ ପଦ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବିଷ୍ଣୁ ପାଢ଼ୀ ଓ ରମେଶ ଲିମାଙ୍କ ମଧ୍ୟରେ ଲଢ଼େଇ ହେବ। ପ୍ରଚାର ଜୋର୍ ଧରି ନ ଥିଲେ ମଧ୍ୟ କେତେକ ପ୍ରାର୍ଥୀ ଫୋନ ଯୋଗେ ଭୋଟ ନିବେଦନ ଆରମ୍ଭ କଲେଣି। ଅନ୍ୟ କେତେକ ଓକିଲଙ୍କ ଘରକୁ ଯାଇ ନିଜ ସମର୍ଥନରେ ଭୋଟ ଯୋଗାଡ଼ିବାରେ ଲାଗିଛନ୍ତି।

# ବିଭିନ୍ନ ସ୍ଥାନରେ ଯୋଗ ଶିବିର



ଶିବିରରେ ଯୋଗ ଶିକ୍ଷା ଦିଆଯାଉଛି ।

**ରାୟଗଡ଼ା ଅଫିସ, ୧୫ା୩**

ପତଞ୍ଜଳି ଯୋଗ ସମିତି ପକ୍ଷରୁ ରାୟଗଡ଼ ସହରର ବିଭିନ୍ନ ସ୍ଥାନରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦୈନିକ ହବନ ଯଜ୍ଞ, ସ୍ୱଦେଶୀ ଆନ୍ଦୋଳନ, ନିଶା ମୁକ୍ତି ଆନ୍ଦୋଳନ, ବୃକ୍ଷ ରୋପଣ, ବାଲ ସଂସ୍କାର ଶିବିର, ଆରୋଗ୍ୟ ସଭା, ଆସନ ପ୍ରାଣାୟମ ଓ ଯୋଗ, ମର୍ମ ଚିକିତ୍ସା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାୟଗଡ଼ା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ସିଆର୍‌ପିଏଫ୍ କ୍ୟାମ୍ପ, ଗାୟତ୍ରୀ ସ୍ମାର୍ଟ ସ୍କୁଲ, ଆଦର୍ଶ ବିଦ୍ୟାଳୟ, ଡିଏଫ କଲୋନୀ, ଅଶୋକ ନଗର,ରାଣୀଗୁଡ଼ା, ଲକ୍ଷ୍ମୀ ପୂଜା କଲୋନୀ ଆଦି ସ୍ଥାନରେ ଏହା ଆୟୋଜିତ ହୋଇଥିଲା । ପତଞ୍ଜଳି ଜିଲା ଯୋଗ ପ୍ରଚାରକ ରାଜେଶ ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଶିକ୍ଷକ କିଶୋର କୁମାର ଦୋରା, ରଶ୍ମିତା ପଣ୍ଡା,ସସ୍ମିତା ରଥ, ଟୁନି ପୁହାଙ୍କୁଡ଼, ଅରୁନ୍ଧତୀ ପଣ୍ଡାଙ୍କ ସମେତ ପତଞ୍ଜଳି ଯୋଗ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜିଲାର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ ବୋଲି ଜିଲା ଯୋଗ ପ୍ରଚାରକ ଦଳେଇ ପ୍ରକାଶ କରିଛନ୍ତି ।

# ମଝିଘରିଆଣୀ ମନ୍ଦିରରେ ମୁଣ୍ଡନ ବନ୍ଦ

## କରୋନା ସଚେତନତା ବୈଠକ

■ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
■ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ କରିବେ ସଚେତନ
■ଚର୍ଚ୍ଚ,ମସଜିଦ୍‌ରେ ଏକଜୁଟ ହେବା ପାଇଁ ବାରଣ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

**ରାୟଗଡ଼ା ଅଫିସ ,୧୫ା୩**

ସ୍ଥାନୀୟ ଡ଼ିଆରଡ଼ିଏ କନଫରେନ୍ସ ହଲରେ ରବିବାର କରୋନା ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଗହଳିପୂର୍ଣ୍ଣ ସ୍ଥାନରେ ନ ରହିବାକୁ ଜିଲାପାଳ ମନା କରିଛନ୍ତି । ଏଥିସହ ସହରରେ ଥିବା ୪ ଟି ସିନେମା ହଲ , ଜିମ , ସୁଇମିଂ ପୁଲ ଖୋଲିବାକୁ ବାରଣ କରାଯାଇଛି । ସେହିପରି ମା' ମଝିଘରିଆଣୀ ମନ୍ଦିର, ଚର୍ଚ୍ଚ, ମସ୍‌ଜିଦରେ ଏକଜୁଟ ନ ହେବା ପାଇଁ କହିଛନ୍ତି । ମଝିଘରିଆଣୀ ମନ୍ଦିରରେ ମୁଣ୍ଡନ କାର୍ଯ୍ୟକ୍ରମକୁ ବନ୍ଦ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ଜିଲାପାଳ ବାତିଲ କରି ଦେଇଛନ୍ତି । ଏ ନେଇ ପ୍ରତ୍ୟେକ ବ୍ଲକସ୍ତରୀୟ କର୍ମଚାରୀଙ୍କୁ ସଚେତନ କରାଯାଇଛି । ଆଶା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଲୋକଙ୍କୁ ସଚେତନ କରିବେ । ପରିବେଶକୁ ସଫା ରଖିବା ପାଇଁ କୁହାଯାଇଛି । କୌଣସି ଲୋକଙ୍କୁ ଥଣ୍ଡା ,କାଶ ହେଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ଜିଲାପାଳ କହିଛନ୍ତି । ଏହି ବୈଠକରେ ପିଡ଼ି ଅମ୍ରିତ ରତୁରାଜ, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ସମସ୍ତ ଏନଜିଓ ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ପାତ୍ରପୁର,୧୫ା୩(ଡି.ଏନ୍.ଏ.)**

ଆନ୍ଧ୍ରରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ପାତ୍ରପୁର ବ୍ଲକର ଜଣେ ଓଡ଼ିଆ ଯୁବକଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ତୁମ୍ବା ଗ୍ରାମର ମୋହନ ନାଇକ(୩୮)। କିଛି ମାସ ହେଲା ମୋହନ ଆନ୍ଧ୍ରର ସୋମପେଣ୍ଟାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ସେଠାରେ କଂକ୍ରିଟ କାମ ଲାଗିଥିବା ବେଳେ ମୋହନଙ୍କ ଉପରେ ଲିଫ୍ଟରୁ ଇଟା ପଡ଼ିଯିବାରୁ ସେ ଆହତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ନକଟିଗୁଡା ରାସ୍ତା ଶୋଚନୀୟ



ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା ।

**ଟିକିରି, ୧୫ା୩(ଡି.ଏନ୍.ଏ.)**

କାଶୀପୁର ବ୍ଲକ ଟିକିରି-ନକଟିଗୁଡା ରାସ୍ତା ଶୋଚନୀୟ ହୋଇପଡିଛି । ଆବଶ୍ୟକ ମରାମତି ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଗଲାଣି । ଏପରି କି କେତେକ ସ୍ଥାନରେ ଗାତମାନ ସୃଷ୍ଟି ହୋଇଛି , ଯାହାଫଳରେ ଗାଡି ମୋଟର ଚଳାଚଳରେ ସମସ୍ୟା ହେଉଛି । ରାସ୍ତା ନିର୍ମାଣ ପରେ ସମ୍ପୃକ୍ତ ଠିକାଦାର ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି କରିବାର ଦାୟିତ୍ୱ ରହିଛି । ଚାରି କିଲୋମିଟର ବ୍ୟାପୀ ଉକ୍ତ ରାସ୍ତାର ମରାମତି କରିବାର ସମୟ ସୀମା ଏପ୍ରିଲ ୨୦୧୬ ଠାରୁ ୨୦୨୧ ପର୍ଯ୍ୟନ୍ତ ରହିଛି । ପ୍ରତିବର୍ଷ ନିୟମିତ ରାସ୍ତାର ମରାମତି କରିବା ବ୍ୟବସ୍ଥା ଥିବା ବେଳେ ସମ୍ପୃକ୍ତ ଠିକାଦାର ଆଦୌ କରୁ ନ ଥିବା ଅଭିଯୋଗ ହୋଇଛି । ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରାଯାଉଛି ।

# କରୋନା ଭୟ: ଅନିଶ୍ଚିତତାରେ ଠାକୁରାଣୀ ଯାତ୍ରା

■ପ୍ରଶାସନ ଚୂଡ଼ାନ୍ତ ନିଷ୍ପତ୍ତି ନେବ ଆଜି
■ମାସ୍କ, ସାନିଟାଇଜର ମହଜୁଦ୍ ରଖାଯାଉ

**ଭଞ୍ଜନଗର,୧୫ା୩(ଡି.ଏନ.ଏ)**

କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ରାଜ୍ୟରେ ବିଭିନ୍ନ ଉତ୍ସବ, ସଭାସମିତି ନ କରିବାକୁ ପରାମର୍ଶ ଦିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରି ଦିଆଯାଇଛି । ଏଭଳି ସ୍ଥିତିରେ ଭଞ୍ଜନଗର ଠାକୁରାଣୀ ଯାତ୍ରାପାଇଁ ଆସନ୍ତା ୨୦ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହେବ। ହେଲେ ପୂର୍ବଭଳି ଶୁଭଖୁଣ୍ଟି ସ୍ଥାପନ ଦିନ ଶ୍ରଦ୍ଧାଳୁମାନେ ଭିଡ଼ ନ ଜମାଇବାକୁ କୁହାଯାଇଛି । ନିରାଡ଼ମ୍ବର ଭାବେ ଶୁଭଖୁଣ୍ଟି ସ୍ଥାପନ କରାଯିବ। ସେହିପରି ପରିସ୍ଥିତିକୁ ଦେଖି ମେ ମାସରେ ଯାତ୍ରା ହେବ କି ନାହିଁ ତାହା ସ୍ଥିର କରାଯିବ ବୋଲି ଯାତ୍ରା କମିଟିର କର୍ମକର୍ତ୍ତା ସୁଶାନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ଦେଶରେ କରୋନା କାୟାବିସ୍ତାର କରୁଥିବାରୁ ପ୍ରଶାସନ ପକ୍ଷରୁ ଏହାର କିଭଳି ମୁକାବିଲା କରାଯିବ ସେ ନେଇ ସୋମବାର ପୂର୍ବାହ୍ନରେ ଭଞ୍ଜନଗର ଉପଖଣ୍ଡସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡ଼କାଯାଇଛି । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଯାତ୍ରା କମିଟି କର୍ମକର୍ତ୍ତା, ବ୍ୟାଙ୍କ, ବ୍ୟବସାୟୀ ସଂଘ, ବସ୍ ସଂଘ, ଅଟୋ ଆସୋସିଏଶନ, ପେଟ୍ରୋଲ ପମ୍ପ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଆଦି ବିଭାଗର ଅଧିକାରୀମାନେ ଯୋଗଦେବେ। କରୋନା ଭୂତାଣୁକୁ କିଭଳି ମୁକାବିଲା କରାଯିବ ତାହା ଉପରେ ଆଲୋଚନା ହେବ । ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଭଞ୍ଜନଗର ଠାକୁରାଣୀ ଯାତ୍ରା ହେବ କି ନାହିଁ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଅନ୍ୟପକ୍ଷରେ କରୋନା ଭୂତାଣୁକୁ ମୁକାବିଲା କରିବା ପାଇଁ ଆବଶ୍ୟକ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ବଜାରରେ ଅଭାବ ଦେଖାଦେଇଛି । ଏହାକୁ ପ୍ରଥମେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଯୋଗାଇ ଦେବା ଆବଶ୍ୟକ ହୋଇପଡ଼ିଛି।

# ଦୁର୍ଘଟଣା ରୋକିବାକୁ ବୋର୍ଡ଼ ଲଗାଇଲା ଏକେଏସ୍

**ଦଶମନ୍ତପୁର,୧୫ା୩(ଡି.ଏନ୍.ଏ.)**




ସଚେତନତା ଫଳକ ସ୍ଥାପନ କରୁଛନ୍ତି ଏ.କେ.ଏସ୍.ର ସଦସ୍ୟମାନେ ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକଠାରୁ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡ଼ା ଛକ ଯାଏ ଜାତୀୟ ରାଜପଥ ରହିଛି। ଏହି ଛକ ଦେଇ ଜାତୀୟ ରାଜପଥ ରାୟଗଡ଼ା ଜିଲା ଏବଂ ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଛି। ତେବେ ଏହି ଛକଟି ଏକ ଦୁର୍ଘଟଣାପ୍ରବଣ ଛକ ଭାବେ ପରିଗଣିତ। ଏଠାରେ ଅନେକ ବାଟୋଇ ହୁଅନ୍ତୁ କିମ୍ବା ଯାନବାହାନ ଦୁର୍ଘଟଣାଗ୍ରସ୍ତ ହେବା କ୍ରମାଗତ ଭାବେ ଦେଖିବାକୁ ମିଳୁଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ହେଁ ପ୍ରଶାସନ ପକ୍ଷରୁ ଏ ଯାଏଁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ତେବେ ରବିବାର ଏହି ସମସ୍ୟାର ସମାଧାନ କରିବା ସହ ସାଧାରଣ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଏ.କେ.ଏସ୍. ପରିବାର ପକ୍ଷରୁ ସଡ଼କ ସୁରକ୍ଷାର କେତେ ଗୁଡ଼ିଏ ବିବରଣୀ ସହ ଏକ ନାମ ଫଳକ ପଞ୍ଚଡ଼ା ମୁଖ୍ୟ ଛକରେ ସ୍ଥାପନ କରାଯାଇଛି। ଏଥିରେ ସଡ଼କ ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଦିଆଯିବା ନେଇ ସାଧାରଣରେ ଏହାକୁ ପ୍ରଶଂସା କରାଯାଇଛି।

# ଡାକ୍ତର ବଦଳିକୁ ନେଇ ଅସନ୍ତୋଷ

## ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

■ରୋଗୀସେବା ପ୍ରଭାବିତ ହେବା ଆଶଙ୍କା
■୧୩ ପଞ୍ଚାୟତର ଲୋକେ ନିର୍ଭର କରନ୍ତି
■ନାହାନ୍ତି ସର୍ଜରି ସ୍ପେଶାଲିଷ୍ଟ

**ପଦ୍ମପୁର, ୧୫ା୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ରହିଛି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ପ୍ରାୟ ୧୩ ଖଣ୍ଡ ପଞ୍ଚାୟତ ସହ ଆଖପାଖ ବ୍ଲକର ଲୋକେ ନିର୍ଭର କରିଥାନ୍ତି । ହେଲେ ଏଠାରେ ଡ଼ାକ୍ତର ଅଭାବ ଓ ବଦଳି ଯୋଗୁ ରୋଗୀ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଏହି ମେଡିକାଲରେ ୧୧ ଜଣ ଡାକ୍ତର ରହିବା କଥା। ମାତ୍ର କିଛି ହାତ ଗଣତି ଡାକ୍ତରଙ୍କୁ ନେଇ ଏହା ଚାଲିଛି । ଏଠାରେ ଥିବା ଇନ୍‌ଚାର୍ଜ ବି. ଜୟବାବୁ ଜଣେ ସର୍ଜରି ସ୍ପେଶାଲିଷ୍ଟ ଭାବେ ବେଶ୍ ପରିଚିତ ଥିଲେ। ହେଲେ ତାଙ୍କୁ ଜୟପୁର ମେଡିକାଲକୁ ବଦଳି କରି ଦିଆଗଲା। ଯଦ୍ୱାରା ଏହି ମେଡିକାଲରେ ଛୋଟ ମୋଟ ଯେଉଁ ଅପରେଶନ୍ ହେଉଥିଲା ତାହା ବନ୍ଦ ହୋଇଗଲା । ପରେ ତାଙ୍କ ସ୍ଥାନରେ ମେଡିକାଲର ଅନ୍ୟ ଜଣେ ଡାକ୍ତର ସୌମ୍ୟ ତ୍ରିପାଠୀ ଦାୟିତ୍ୱ ତୁଲାଉଛନ୍ତି। ଏଭଳି ପରିସ୍ଥିତିରେ ପଦ୍ମପୁର ମେଡିକାଲକୁ ସ୍ଥାୟୀ ଇନ୍‌ଚାର୍ଯ୍ୟ ଭାବେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ସନ୍ଦୀପ ସାହୁଙ୍କୁ ନିଯୁକ୍ତି କରାଗଲା । ହେଲେ ସେ ଯୋଗଦେବା ପୂର୍ବରୁ ତାଙ୍କୁ ଗୁଣପୁର ମେଡିକାଲକୁ ପଠାଇ ଦିଆଗଲା, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ପଦ୍ମପୁରରେ ସ୍ଥାୟୀ ଇନ୍‌ଚାର୍ଯ୍ୟ ପଦବୀ ପୂରଣ ହୋଇପାରି ନାହିଁ। ଠିକ୍ ସେହିଭଳି ଏହି ମେଡିକାଲରେ ଥିବା ୪ ଜଣ ଓପିଏସ୍‌ସି ଡ଼ାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଗଲା । ପଦ୍ମପୁର ମେଡିକାଲରେ ୬ଟି ଓପିଏସ୍‌ସି ପୋଷ୍ଟ ଖାଲିଥିଲେ ମଧ୍ୟ ଏମାନଙ୍କୁ ଅନ୍ୟତ୍ର ପଠାଯାଇଛି । ତାହା ହେଲା ପଦ୍ମପୁର ମେଡିକାଲର ଡା. ସୌମ୍ୟ ରଞ୍ଜନ ପତିଙ୍କୁ ପୁଟାସିଂ, ଡା. ରତ୍ନପର୍ଣ୍ଣା ପଟ୍ଟନାୟକଙ୍କୁ ଗୁଣପୁର ମେଡିକାଲ, ଡା. ମାନ୍‌ବିଷ୍ ମହାପାତ୍ରଙ୍କୁ କଳାହାଣ୍ଡି ଜିଲାର କୋକସରା ବ୍ଲକ ଓ ଡା. ଗୋପାଳ ପଣ୍ଡାଙ୍କୁ ଚନ୍ଦ୍ରପୁର ବ୍ଲକକୁ ପଠାଯାଇଛି । ତେବେ ପଦ୍ମପୁର ମେଡିକାଲରେ ଡାକ୍ତର ଅଭାବ ଥିବାବେଳେ କେଉଁ ପରିସ୍ଥିତିରେ ସେମାନଙ୍କୁ ଅନ୍ୟତ୍ର ପଠାଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଜନସଂଖ୍ୟା ଦୃଷ୍ଟିରୁ ବେଶି ରୋଗୀ ଏହି ମେଡିକାଲ ଉପରେ ନିର୍ଭର କରୁଛନ୍ତି । ଯଦି ତୁରନ୍ତ କୌଣସି ସ୍ଥାୟୀ ଡାକ୍ତର ନିଯୁକ୍ତ ନ ହୁଅନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ତୁରନ୍ତ ଡ଼ାକ୍ତର ପଦବୀ ପୂରଣ କରିବା ନେଇ ସାଧାରଣରେ ଦାବି ହୋଇଛି ।

## ସଂକ୍ଷେପରେ



### ଅଞ୍ଚଳଗୁମ୍ଫାରେ ଭାଲୁ ଆତଙ୍କ

ତେନ୍ତୁଳିଖୁଣ୍ଟି,୧୫।୩(ଡି.ଏନ.ଏ): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ଫା ଗ୍ରାମରେ ଭାଲୁ ଆତଙ୍କ ଗତ କିଛି ଦିନ ହେବ ଦେଖିବାକୁ ମିଳିଛି। ଭାଲୁଟି ଶନିବାର ରାତିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଗେଟ ପାଖରେ ଦେଖିବାକୁ ମିଳିଥିଲା। ଭାଲୁକୁ ଦେଖି କୁକୁରମାନେ ଭୋକିଥିଲେ। ମନ୍ଦିର ପାଖରେ ରହୁଥିବା ପରିବାର ବାହାରି ଭାଲୁକୁ ଦେଖିଥିଲେ। ତେବେ ଭାଲୁଟି କାହାର କିଛି କ୍ଷତି କରି ନ ଥିବା ବେଳେ ଜନବସତି ଭିତରେ ଭାଲୁଟି ଘୁରି ବୁଲୁଥିବାରୁ ଲୋକମାନେ ଭୟଭୀତ ହୋଇପଡିଛନ୍ତି।

### କରୋନା ସମ୍ପର୍କରେ ସଚେତନତା

ଚନ୍ଦାହାଣ୍ଡି, ୧୫।୩(ଡି.ଏନ.ଏ.): ରାଜ୍ୟ ସରକାର ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଗାଁ ଗାଁରେ ଯାଇ କରୋନା ସମ୍ପର୍କରେ ସଚେତନ କରିବେ ବୋଲି କହିଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପଞ୍ଚାୟତ ସରପଞ୍ଚ ଲଛମନ ମାଝି ଏବଂ ଗ୍ରାମରୋଜଗାର ସେବକ ରୋହିତ ସୁନା ହଳଦି ଗ୍ରାମକୁ ଯାଇ ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନ କରିଛନ୍ତି। ଏହି ରୋଗର ପ୍ରତିକାର ଲାଗି ମୁହଁରେ ରୁମାଲ ଦେଇ ଛିଙ୍କିବା, ହାତ ଧୋଇବା, ବାରମ୍ବାର ମୁହଁ, ଆଖି, ନାକକୁ ନ ଛୁଇଁବା, ଜନଗହଳିପୂର୍ଣ୍ଣ ସ୍ଥାନରେ ନ ରହିବା, ଜ୍ୱର ଓ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେଲେ ସାଙ୍ଗେ ସାଙ୍ଗେ ଡାକ୍ତରଙ୍କୁ ଜଣାଇ ପରାମର୍ଶ ଗ୍ରହଣ କରିବାକୁ କହିଥିଲେ ।

### ଓମ୍ ଶାନ୍ତି ଆଶ୍ରମ ପକ୍ଷରୁ ଥାନାରେ ଅଭିଯୋଗ
### ୩ ଜଣଙ୍କ ସହ ଯୋଗାଯୋଗ ହୋଇପାରୁନି

ନବରଙ୍ଗପୁର,୧୫।୩( ବି.ପ୍ର.): ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ (ଓମ ଶାନ୍ତି) ନବରଙ୍ଗପୁର ଶାଖା ମୁଖ୍ୟ ନିଲମ ଜୀ, ବ୍ରହ୍ମକୁମାରୀ ନମିତା ଓ ମମତା ଭଉଣୀଙ୍କ ସହ ୧୨ ତାରିଖରୁ ଯୋଗାଯୋଗ ହୋଇ ପାରୁ ନାହିଁ। ସେମାନେ କେଉଁ ଠାରେ ରହିଛନ୍ତି ଓ କେଉଁ ପରିସ୍ଥିତିରେ ଅଛନ୍ତି ତାହା ଜଣାନପଡିବାରୁ ଅନୁଷ୍ଠାନ ପକ୍ଷରୁ ନବରଙ୍ଗପୁର ଥାନାରେ ଏକ ଅଭିଯୋଗ କରାଯାଇଛି । ଏନେଇ ଥାନାରେ ଏକ ଡାଇରି କରାଯାଇ ଘଟଣାର ଅନୁସନ୍ଧାନ କରାଯାଉଛି। ନବରଙ୍ଗପୁରରୁ ୨୦ ଜଣ ବିଭିନ୍ନ ଦଳ ହୋଇ ନାଗପୁରରୁ ମାଉଣ୍ଟଆବୁ ଯାଇଥିଲେ। ନୀଲମଜୀ, ମମତା ଓ ନମିତା ୨ ତାରିଖରେ ମାଉଣ୍ଟଆବୁ ପହଞ୍ଚିଥିଲେ । ସେଠାରୁ ୧୦ ତାରିଖରେ ଦିଲ୍ଲୀରୁ ବାହାରୀ ୧୧ ତାରିଖରେ ପହଞ୍ଚିଥିଲେ । ଉକ୍ତ ଦିନ ପୂର୍ବାହ୍ନରେ ନୀଲମଜୀଙ୍କ ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ସିଟିସ୍କାନ କରାଯିବ ବୋଲି ଖବର ମିଳିଥିଲା । ଏହା ପରଠାରୁ କାହାର ମୋବାଇଲରେ ଯୋଗା ଯୋଗ ସମ୍ଭବପର ହୋଇ ପାରୁ ନାହିଁ । ଏପରିକି ସେପଟରୁ ମଧ କେହି ଆଶ୍ରମ ସହ ଯୋଗା ଯୋଗ କରିନାହାନ୍ତି । ଯୋଗାଯୋଗ ସମ୍ଭବପର ହୋଇ ପାରୁ ନ ଥିବାରୁ ଏନେଇ ନବରଙ୍ଗପୁର ଆଶ୍ରମ ପକ୍ଷରୁ ଉକ୍ତ ୩ଜଣଙ୍କ ଫଟୋ ସହ ଅଭିଯୋଗ ହୋଇଛି ।

### କୁକୁଡା ମାଂସ ବେପାର ମାନ୍ଦା

ଚନ୍ଦାହାଣ୍ଡି, ୧୫।୩(ଡି.ଏନ.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବ୍ରଏଲର କୁକୁଡା ବେପାର ମାନ୍ଦା ପଡିଥିବା ଦେଖିବାକୁ ମିଳିଛି । ବେପାର କମୁଥିବାରୁ ବ୍ୟବସାୟୀଙ୍କ ଆର୍ଥିକ ପରିସ୍ଥିତି ମାନ୍ଦା ହେବାରେ ଲାଗିଛି । ପେଟପାଟଣା ପାଇଁ ଗ୍ରାମାଞ୍ଚଳରେ ବ୍ରଏଲର କୁକୁଡା ବ୍ୟବସାୟ କରୁଥିବା କ୍ଷୁଦ୍ରବ୍ୟବସାୟୀ ବର୍ତ୍ତମାନ କ୍ଷତିରେ ପଡିଛନ୍ତି । କୌଣସି ବ୍ୟବସାୟିକ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମରେ ବ୍ରଏଲର କୁକୁଡା ମାଂସ ଶସ୍ତା ଥିବା ଯୋଗୁ ଆମିଷ ଭୋଜିରେ ବ୍ୟବହାର କରୁଥିଲେ। କିନ୍ତୁ ଏବେ ଭୋଜିରେ ପ୍ରାୟ କୁକୁଡା ମାଂସକୁ ବ୍ୟବହାର କରୁ ନଥିବା ଦେଖିବାକୁ ମିଳୁଛି।

# କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ

- ସଦର ମହକୁମା ଡାକ୍ତରଖାନାରେ ସ୍ୱତନ୍ତ୍ର ଆଇସୋଲେଟେଡ ୱାର୍ଡ
- ଗୁଜବ ଉପରେ ପୋଲିସର କଡା ନଜର



ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଘର ଘର ବୁଲି କରୋନା ସମ୍ପର୍କରେ ସଚେନତ କରାଉଛନ୍ତି।

ନବରଙ୍ଗପୁର,୧୫।୩(ବି.ପ୍ର.)

କରୋନା ଭାଇରସକୁ ନେଇ ସମଗ୍ର ବିଶ୍ୱରେ ଆତଙ୍କ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି । ଏନେଇ ଜିଲା ପ୍ରଶାସନ ସଜାଗ ରହିଛି । ନବରଙ୍ଗପୁର ଏସପି ନିତୀନ କୁସଲକର ଭୟଭୀତ ନ ହେବକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ନବରଙ୍ଗପୁର ଜିଲାରେ ସେହିଭଳି କୌଣସି ପରିସ୍ଥିତି ଦେଖା ଦେଇ ନାହିଁ। ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନ ଉପରେ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । କୌଣସି ଖବର ମିଳେ ତୁରନ୍ତ ଏସପି ଅଫିସ କଣ୍ଟ୍ରୋଲ ରୁମ ଓ ସମ୍ପୃକ୍ତ ଅଞ୍ଚଳର ଥାନାକୁ ଜଣାଇବାକୁ ଏସପି ପରାମର୍ଶ ଦେଇଛି । ଗୁଜବ ଖବର ସୋସିଆଲ ମିଡିଆରେ ଆସୁଛି । ସେଥିପ୍ରତି କଡା ନଜର ରଖିଛି ବୋଲି ପୋଲିସ କହିଛି । ଶ୍ରମବିଭାଗ ପକ୍ଷରୁ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକ ମାନଙ୍କ ଉପରେ କଡା ନଜର ରହିଛି । ଏହା ସମେତ ଶ୍ରମ ବିଭାଗ ବିଭିନ୍ନ ଅନୁଷ୍ଠାନ, ଶିଳ୍ପ ମାନଙ୍କ ଯାଇ ସଚେତନ କରାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ସଦର ମହକୁମା ଡାକ୍ତରଖାନାରେ ୬ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆଇସୋଲେଟେଡ ୱାର୍ଡ ବ୍ୟବସ୍ଥା କରାଯାଇଛି। ନବରଙ୍ଗପୁର ସହରର ସମସ୍ତ ୱାର୍ଡରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ମାନଙ୍କୁ ନେଇ ୪ଟି ଦଳ ଗଠନ କରାଯାଇଛି। ସେମାନେ ଘରଘର ବୁଲି ସଚେତନ କରାଇବା ସହ କରୋନା ଭାଇରସ ସମ୍ପର୍କିତ ସଚେନତତା ବାର୍ତ୍ତା ପତ୍ର ବଣ୍ଟନ କରିଛନ୍ତି।

### ମିଳୁନି ମାସ୍କ

ନବରଙ୍ଗପୁର,୧୫।୩(ବି.ପ୍ର): କରୋନା ଭୟରେ ଆତଙ୍କିତ ନବରଙ୍ଗପୁର ସହରବାସୀ। ଭୟଭୀତ ହୋଇ ଲୋକମାନେ ପ୍ରତିକାର ପାଇଁ ମାସ୍କ କିଣୁଛନ୍ତି। ଫଳରେ ବଜାରରେ ମାସ୍କ ଆଉ ମିଳୁନି। ଏପରିକି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମାସ୍କର ଅଭାବ ଦେଖା ଦେଇଛି। ସାଧାରଣ ଜନତାଙ୍କୁ ମିଳିବା ଦୂରେ ଥାଉ ଡାକ୍ତରଖାନା କର୍ମଚାରୀଙ୍କୁ ମିଳୁନି ଆବଶ୍ୟକ ମାସ୍କ। କରୋନା ଭୟରେ ଯାହା ଥିଲା ସବୁ ମାସ୍କ ବିକ୍ରି ହୋଇଗଲା। ଏବେ କିଛି ଔଷଧ ଦୋକାନରେ ଲୁଚାଛପାରେ ବିକ୍ରି ହେଉଛି ମାସ୍କ । ସାଧା ମାସ୍କ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଔଷଧୀୟ ଗୁଣ ଯୁକ୍ତ ମାସ୍କ ୪୦୦ ଟଙ୍କାରେ ବିକ୍ରି ହେଉଛି। ମାସ୍କ କଳାବଜାରୀ ମଧ ହେବାର ସମ୍ଭାବନା ଦେଖା ଦେଲାଣି। କେବଳ ମାସ୍କ ନୁହେଁ ସାନିଟାଇଜରଗୁଡିକର ମଧ ସମାନ ସ୍ଥିତି। ଆଗକୁ ଯେପରି ଏହିସବୁ ଜିନିଷର କଳାବଜାରୀ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନକୁ ସହରବାସୀ ଅନୁରୋଧ କରିଛନ୍ତି। ମାସ୍କ ଅଭାବକୁ ନେଇ ଜିଲା ଚିକିତ୍ସାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ କରୋନା ଭୟରେ ମାସ୍କ ବହୁତ ବ୍ୟବହାର ହୋଇଯାଇଛି। ଆଉ ମାସ୍କ ମଗାଯାଇଛି। ସୋମବାର ସୁଦ୍ଧା ମାସ୍କ ସମସ୍ୟା ଆଉ ରହିବ ନାହିଁ ବୋଲି କହିଛନ୍ତି।

# ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ

**ଘଣ୍ଟାକ ପରେ ଅନ୍ୟ ଆମ୍ବୁଲାନ୍ସରେ ରୋଗୀଙ୍କୁ ନିଆଗଲା**

ପାପଡାହାଣ୍ଡି, ୧୫।୩ (ଡି.ଏନ.ଏ)




ଆମ୍ବୁଲାନ୍ସ ଭିତରେ ବିଭୀଷଣ ଭତରା।

୧୦୮ ଆମ୍ବୁଲାନ୍ସରେ ରୋଗୀଙ୍କୁ ଡାକ୍ତରଖାନାରୁ ଅନ୍ୟ ଏକ ଡାକ୍ତରଖାନା ନିଆଯାଉଥିଲା। କିନ୍ତୁ ଅଧାବାଟରେ ଆମ୍ବୁଲାନ୍ସ ଖରାପ ହୋଇ ଅଟକି ଯାଇଥିଲା। ଆମ୍ବୁଲାନ୍ସ ଭିତରେ ରୋଗୀ ଜଣକ ଦୀର୍ଘ ୧ ଘଣ୍ଟା ରହିବା ପରେ ଆଉ ଏକ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ଡାକ୍ତରଖାନା ନେଇଥିଲା। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ଗ୍ରାମର ବିଭୀଷଣ ଭତରା ଶୁକ୍ରବାର ଦୁର୍ଘଟଣାରେ ଗୁରୁତର ହୋଇ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରବିବାର ଅଧିକା ଚିକିତ୍ସା ଲାଗି ତାଙ୍କୁ ୧୦୮ ଗାଡିରେ (ନଂ ଓଡି୦୨ଏନ୪୨୦୬)ରେ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଥିଲା। କିନ୍ତୁ ପାପଡାହାଣ୍ଡି ବ୍ଲକ ମହେନ୍ଦ୍ରୀ ନିକଟରେ ଗାଡି ଖରାପ ହୋଇଯାଇଥିଲା । ଏପଟେ ଯନ୍ତ୍ରଣାରେ ଛଟ ପଟ ହୋଇ ପଡି ରହିଥିଲେ ବିଭୀଷଣ। ଆମ୍ବୁଲାନ୍ସ ଡ୍ରାଇଭର ଅନ୍ୟ ଏକ ଆମ୍ବୁଲାନ୍ସକୁ ଏ ସମ୍ପର୍କରେ ଜଣାଇଥିଲେ । ପ୍ରାୟ ୧ ଘଣ୍ଟା ଧରି ବିଭିଷଣ ଅପେକ୍ଷା କରିବା ପରେ ଅନ୍ୟ ଏକ ଗାଡ଼ିରେ ତାଙ୍କୁ ସ୍ଥାନାନ୍ତରଣ କରାଯାଇଥିଲା ।

### ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ବାଲିମେଳାର ୨ ସାହିତ୍ୟିକ ସମ୍ମାନିତ

କୋରୁକୋଣ୍ଡା, ୧୫।୩(ଡି.ଏନ. ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରର କବି ନିରଞ୍ଜନ ମଲ୍ଲ ଏବଂ ତାରଲାକୋଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରୁଣାକର ମଲ୍ଲିକ ନିଶିଗନ୍ଧା ସାହିତ୍ୟ ସଂସଦର ବସନ୍ତ ଉତ୍ସବରେ ସମ୍ମାନିତ ହୋଇଛନ୍ତି। ସଂସଦର ୫ମ ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱରଠାରେ ଉଭୟଙ୍କୁ ସମ୍ମାନିତ କରାଯାଇଛି। ଆୟୋଜିତ ଉତ୍ସବରେ କବି ପ୍ରସନ୍ନ ପାଟଶାଣୀ, ରାଜ୍ୟ ଯୁବ ସାହିତ୍ୟ ସଙ୍ଗଠନ ସଭାପତି ଶଙ୍କର୍ଷଣ ପରିଡା, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକ, ନିଶିଗନ୍ଧା ସମ୍ପାଦକ ବଳରାମ ତରାଇ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଉଭୟେ ପରିବେଶ ସୁରକ୍ଷା ଓ ସମାଜମଙ୍ଗଳ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଥିବା ଜଣାପଡିଛି।

# ୨୬ ଦାଦନ ଶ୍ରମିକ ଉଦ୍ଧାର

ପାପଡାହାଣ୍ଡି, ୧୫।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାଇକ କତରା ଗ୍ରାମରୁ ୨୬ ଜଣ ଦାଦନ ଖଟିବାକୁ ରବିବାର ବସ ଯୋଗେ ଗୁଣ୍ଡୁପୁର ଗୁଡାରି ଯାଉଥିବା ବେଳେ ଖବର ପାଇ ପୋଲିସ ଚଢାଉ କରି ସେମାନଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୧୩ ପୁରୁଷ ଓ ୧୩ ମହିଳା ରହିଛନ୍ତି । ଏକ ରାସ୍ତା କାମରେ ନିୟୋଜିତ ହେବା ଲାଗି ଦାଦନ ଶ୍ରମିକମାନେ ଯାଉଥିବା ଜଣାପଡିଛି । ଜଗନ୍ନାଥ ନାମକ ଏକ ଘରୋଇ ବସ (ନଂ.ଓଡି୧୮ବି ୧୯୮୯)ଅପରାହ୍ନ ୩ ଟା ସମୟରେ ସେମଳା ପଞ୍ଚାୟତ ପାଇକ କତରା ଗ୍ରାମରୁ ୨୬ ଜଣ ଦାଦନ ଶ୍ରମିକଙ୍କୁ ଧରି ଗୁଡାରି ଯିବା ସମୟରେ ପୋଲିସ ପହଞ୍ଚିଥିଲା। ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା । ଏଥି ସହ ବସର ଡ୍ରାଏଭର, ହେଲପର, କଣ୍ଡକ୍ଟର ସହ ପ୍ରଫୁଲ୍ଲ କୁମାର ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କୁ ଥାନାରେ ଆଣି ଅଟକ ରଖି ପଚାର ଉଚରା ଚଳାଇଛି। ଆଇଆଇସି ଶୁଭେନ୍ଦୁ ଶବରଙ୍କ ଉପସ୍ଥିତରେ ଦାଦନ ଶ୍ରମିକ ମାନଙ୍କ କାଉନସିଲିଂ କରାଯାଇଛି।

# ହିନ୍ଦୁ ନବବର୍ଷ ପାଳନ ନିମନ୍ତେ ବୈଠକ

ଚନ୍ଦାହାଣ୍ଡି, ୧୫।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ହିନ୍ଦୁ ନବବର୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି । ଚଳିତ ମାସ ୨୫ତାରିଖ ବୁଧବାର ହିନ୍ଦୁ ନବବର୍ଷଥିବାରୁ ଏହାକୁ ପ୍ରତ୍ୟେକ ପରିବାରରେ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା । ୨୫ତାରିଖ ସକାଳ ୯ଟା ସମୟରେ ସ୍ଥାନୀୟ ହନୁମାନ ମନ୍ଦିରଠାରେ ଏକତ୍ରିତ ହୋଇ ସେଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ନବବର୍ଷକୁ ପ୍ରତ୍ୟେକ ପରିବାରରେ ଧୁମଧାମରେ ପାଳନ ଏବଂ ଗୈରିକ ପତାକା ଲଗାଇବା ସହ ଦୀପ ଜାଳିବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଗିରଥି ରଥ, ଗୋବିନ୍ଦ ଜୈନ, ଏକିଲ ଅଭିଯାନ ଦକ୍ଷିଣଭାଗ ପ୍ରମୁଖ ଲଳିତ ସା, ଦକ୍ଷିଣଭାଗ ପ୍ରାଥମିକ ଶିକ୍ଷା ପ୍ରମୁଖ ଦୁକେଶ୍ୱର ବରଗ୍ଡି, ଆରଏସଏସ ଜିଲା ପ୍ରଚାରକ ମହେଶ୍ୱର ଭତ୍ରା, ଆରଏସଏସ ଚନ୍ଦାହାଣ୍ଡି ମୁଖ୍ୟ ଯତିନ୍ଦ୍ର ନାୟକ, ଦିଲୀପ ଦାସ, ତିରଣ କେଉଁଟ, ଜଗଦିଶ ସୁନା, ରଜନୀକାନ୍ତ ନାୟକ, ନବୀନ କେତକୀ ପ୍ରମୁଖ ଯୋଗ ଦେଇଥିଲେ ।

### ଦୁଇଦିନିଆ ସ୍ୱାସ୍ଥ୍ୟସେବା ଶିବିର

ଚିତ୍ରକୋଣ୍ଡା, ୧୫।୩ (ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତର ରଥଗୁଡା, ପାଲିଗୁଡା, ମାତାମକୋଣ୍ଡା, କତାଗୁଡାରେ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ପକ୍ଷରୁ ବନଗୁରୁ ଓ ଲମ୍ବାସିଙ୍ଗ ଗ୍ରାମରେ ୨ ଦିନିଆ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୩୨୯ ଜଣଙ୍କୁ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଇଏନ୍‌ଟି ବିଭାଗ ଡାକ୍ତର ସମୀର ଗୋଲଡର ଓ ଡାକ୍ତର ଦେବାଶିଷ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଫାର୍ମାସିଷ୍ଟ ଅଭିଜିତ ଶାହା, ବିକାଶ ପଣ୍ଡା, ଦେବାଶିଷ ନରପତି ଶିବିର ପରିଚାଳନା କରିଥିଲେ।



ଖେଳାଳିମାନଙ୍କ ସହ ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଓ ଅନ୍ୟମାନେ।

# ଆନ୍ତଃ ଜିଲା ଲିଗ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ : ଗ୍ରୀନ ଦଳ ବିଜୟୀ

ନବରଙ୍ଗପୁର,୧୫।୩(ବି.ପ୍ର.)

**୨୦ରେ ଫାଇନାଲ ମ୍ୟାଚ**

ନବରଙ୍ଗପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଆନ୍ତଃ ଜିଲା ଲିଗ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଗ୍ରୀନ ଦଳ ଅରେଞ୍ଜ ଦଳକୁ ୭ ଉଇକେଟରେ ପରାସ୍ତ କରିଛି । ଅରେଞ୍ଜ ଦଳ ପ୍ରଥମେ ବ୍ୟାଟିଂ କରିଥିଲା । ଦୀପାନ୍ତଙ୍କ ଅର୍ଦ୍ଧଶତକ ବଳରେ ୪୫ ଓଭରରେ ୯ ଉଇକେଟ ହରାଇ ୨୨୬ ରନ କରିଥିଲେ। ଗ୍ରୀନ ଦଳ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଓଡିଶା କ୍ରିକେଟ ସଂଘର କର୍ମକର୍ତ୍ତା ସୁଶୀଲ କୁମାର ସୁନ୍ଦରାଇ ଉପସ୍ଥିତ ରହି ଅନଲାଇନ ସ୍କୋରିଂ କରୁଥିଲେ । ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟରେ ପ୍ରାକ୍ତନ ବରିଷ୍ଠ ଖେଳାଳି ରମେଶ ସାମନ୍ତରାୟ, ସବୀର ବେଗ ଓ ଅଶୋକ ନାୟକ ଓ ଲଲା ମହମ୍ମଦ ଚୟନକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଶଶାଙ୍କ ଶେଖର ବେହେରା, ବାସୀମ ଜାଫର ଦେବାଶିଷ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତ ୨୦ ତାରିଖରେ ଅନୁଷ୍ଠିତ ହେବ ବୋଲି ମିଡିଆ କୋର୍ଡିନେଟର ମୋନ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।




ମୃଗ ବିହାର।

# ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମୃଗବିହାର ବନ୍ଦ

ପାପଡାହାଣ୍ଡି,୧୫।୩ (ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଠାରେ ଥିବା ମୃଗ ବିହାରକୁ ରବିବାର ଠାରୁ ପର୍ଯ୍ୟଟକ ପାଇଁ ବନ୍ଦ କରିଦିଆ ଯାଇଛି । ଜିଲା ବନବିଭାଗ ତରଫରୁ ଏନେଇ ଗେଟରେ ତାଲା ପକାଇ ବନ୍ଦ କରାଯାଇଥିବା ଦେଖା ଦେଇଛି । ବର୍ତ୍ତମାନ ରାଜ୍ୟ ସରକାର କରୋନା ଭାଇରସକୁ ନେଇ ଲୋକଙ୍କୁ ସଚେତନ କରାଇବା ସହ ବିଭିନ୍ନ ସିନେମା ହଲ, ସ୍କୁଲ, କଲେଜ, ଚିଡିଆଖାନା ଗୁଡିକୁ ଆସନ୍ତା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଆଧାର କରି ନବରଙ୍ଗପୁର ଜିଲା ବନ ଅଧିକାରୀ ପାପଡାହାଣ୍ଡି ମୃଗ ବିହାରକୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିବା ଲାଗି ଗେଟରେ ପୋଷ୍ଟର ମାରି ତାଲା ପକେଇ ଦେଇଛନ୍ତି।

# ଜଙ୍ଗଲରୁ ଗଛ କାଟି ଜଣେ ଗିରଫ

ଡାବୁଗାଁ, ୧୫।୩ (ଡି.ଏନ.ଏ.)



ଜବତ ହୋଇଥିବା ଜେସିବି।

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଷ ଜମି କରିବା ଉଦ୍ଦେଶ୍ୟରେ ଏକ ଜେସିବି ଦ୍ୱାରା ଜଙ୍ଗଲ କାଟି ସଫା କରୁଥିବା ଅଭିଯୋଗରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କଳାହାଣ୍ଡି ଜିଲା ଆମ୍ପାଣି ଥାନା ଅଧୀନ ବୁମେରବାହାଲ ଗ୍ରାମର ଚୂଡାମଣି ରାଉତ (୨୧)। ମଇଦଲପୁର ସେକସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବନ ବିଭାଗ କର୍ମଚାରୀମାନେ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିଲେ। ମାଳିଆମ୍ବ ଗ୍ରାମ ନିକଟରେ ଚାଷ ଜମି କରିବା ଉଦ୍ଦେଶ୍ୟରେ ଏକ ଜେସିବି ମେସିନ ଦ୍ୱାରା ଜଙ୍ଗଲରୁ ଗଛ କାଟି ସଫା କରୁଥିବା ବେଳେ ବନ କର୍ମଚାରୀ ଚଢାଉ କରିଥିଲେ । ଏକ ଜେସିବି, ୩୦ଟି ବଲ୍ଲା ଓ ଗୋଟିଏ ଟାଙ୍ଗିଆ ଜବତ କରିବା ସହ ଚୂଡାମଣିଙ୍କୁ ଗିରଫ କରିଛି। ଶନିବାର ଚୂଡାମଣିଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନଂ ୨୨୬/୧୯-୨୦ ରେ ଏକ ମାମଲା ରୁଜୁ କରାଯାଇଛି । ଜବତ କରାଯାଇଥିବା ବଲ୍ଲାର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମଙ୍ଗୋ ସୂଚନା ଦେଇଛନ୍ତ। ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବବାଲି, ରାମାକାନ୍ତ ସାହୁ, ମଧୁସ୍ମିତା ତ୍ରିପାଠୀ, ଅନିତା ହିଆଲ ଓ ପାରା ଫରେଷ୍ଟ୍ରୀ ୱାଚର ପ୍ରମୁଖ ଚଢାଉରେ ସାମିଲ ଥିଲେ ।

# କରୋନା ସଚେତନତା



କରୋନା ସଚେତନ କରାଉଛନ୍ତି ଆଇଆଇସି।

ପାପଡାହାଣ୍ଡି/ ମଇଦଲପୁର , ୧୫।୩ (ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ଫାଣ୍ଡିରେ ରବିବାର ସ୍ଥାନୀୟ ପୋଲିସ ସହାୟତାରେ କରୋନା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇଆସି ଶୁଭେନ୍ଦ୍ର ଶବରଙ୍କ ଉପସ୍ଥିରେ ଲୋକଙ୍କୁ କରେନା ନେଇ ସଚେତନ କରାଯାଇଥିଲା। ଖାଇବା ପୂର୍ବରୁ ହାତ ଧୋଇବା, କାଶିବା ବେଳେ ପାଟିରେ ରୁମାଲ ଦେବା, ଜନ ଗହଳି ନ କରିବା, ଅଜଣା ଲୋକଙ୍କ ସହ କରମର୍ଦ୍ଦନ ନ କରିବା ଆଦି ସଚେତନ ବାର୍ତ୍ତା ଦିଆଯାଇଥିଲା। ଲୋକଙ୍କୁ ଭୟ ଭିତ ନ ହେବା ଲାଗି ପରମର୍ଶ ଦିଆଯାଇଥିଲା । ଏସଆଇ ଅଶ୍ୱିନୀ ପଟ୍ଟନାୟକ, ଏସଆଇ ରେଣୁ ପ୍ରଧାନ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଅସହାୟ ଅବସ୍ଥାରେ ଚୈତନ୍ୟଙ୍କ ପରିବାର

ଡାବୁଗାଁ, ୧୫।୩ (ଡି.ଏନ.ଏ.)

- ଚିକିତ୍ସାରେ ଅର୍ଥ ବାଧକ
- ସରକାରୀ ସହାୟତାକୁ ଅପେକ୍ଷା



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡ଼ଙ୍ଗରିଗୁଡା ପଞ୍ଚାୟତର ଜୟନ୍ତୀନଗର ଠାରେ ଦୀର୍ଘଦିନ ଧରି ବିଛଣାରେ ପଡିରହିଛନ୍ତି ଚୈତନ୍ୟ ଜାନୀ (୪୫) । ପାରାଲିଶିସରେ ଆକ୍ରାନ୍ତ ହୋଇ ତାଙ୍କ ବାମ ହାତ ଓ ଗୋଡ ସମ୍ପୂର୍ଣ୍ଣ ଅକାମି ହୋଇପଡିଛି । ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁନଥିବା ସେ କହିଛନ୍ତି । ଚୈତନଙ୍କ ଚିକିତ୍ସା ନିମନ୍ତେ ପରିବାର ଲୋକଙ୍କ ପାଖରେ ଯାହାଥିଲା ସବୁ ବିକି ଭାଙ୍ଗି ସାରିବା ପରେ ଏବେ ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି । ବୋଝ ଉପରେ ଲଳିତା ବିଡା ଭଳି ଚୈତନଙ୍କ ପରିବାର ଉପରେ ସତେ ଯେମିତି ଦୁଃଖର ପାହାଡ ଖସିପଡିଛି । କିଛି ମାସ ତଳେ ଚୈତନ୍ୟଙ୍କ ଏକ ବର୍ଷ ର ନାତି ରକ୍ତହୀନତା ଅଭାବରୁ ମୃତ୍ୟୁବରଣ କରିଥିବା ଜଣାପଡିଛି । ଚୈତନ୍ୟଙ୍କ ପୁଅ କୁଲି ମଜୁରୀ କରି ଯାହା ରୋଜଗାର କରି ଆଣୁଛନ୍ତି ତାହା ପରିବାର ଭରଣ ପୋଷଣ ପାଇଁ ନିଅଣ୍ଟ । ଏପରି ସ୍ଥିତିରେ ଚୈତନ୍ୟଙ୍କ ଚିକିତ୍ସା କରିବା ତାଙ୍କ ପକ୍ଷେ ଅସମ୍ଭବ। ଅନ୍ୟପକ୍ଷେ ସରକାରଙ୍କ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କୌଣସି କାମରେ ଆସୁନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି । ଦୁଃଖ ଶୁଣିବାକୁ କେହି ନାହାନ୍ତି ତେଣୁ ଖୁବ ଶୀଘ୍ର ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିଜର ଦୁଃଖ ଜଣାଇବେ ବୋଲି ପରିବାର ବର୍ଗ କହିଛନ୍ତି । ଚୈତନ୍ୟଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ମାର୍ଚ୍ଚ ୧୬/୨୦୨୦ Rayagada, Monday, March 16/ 2020

# କରୋନା ସମ୍ପର୍କରେ ସଚେତନ କଲେ ଖବରଦାତା



ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

ମାଲକାନଗିରି,୧୫ା୩(ଡି.ଏନ୍.ଏ.)

ବର୍ତ୍ତମାନ କରୋନା ଭୂତାଣୁ ସାରା ପୃଥିବୀରେ ଚହଲ ପକାଇଛି। ଏହା ମାନବ ସମାଜକୁ ଚିନ୍ତାରେ ପକାଇଛି। ଲୋକେ ଭୟ ଓ ଚିନ୍ତାରେ ଅଛନ୍ତି। ଆମ ଦେଶ ଓ ରାଜ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଶତାଧିକ ସନ୍ଦିଗ୍ଧ ଚିହ୍ନଟ ହୋଇଥିବା ଜଣାପଡିଛି। ଶନିବାର ମାଲକାନଗିରି ଜିଲାରେ ଜଣେ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ପରେ ଜିଲାବାସୀ ଭୟଭୀତ ହୋଇପଡିଛନ୍ତି। ଏଥିପାଇଁ ଭୟଭୀତ ନ ହେବା, ଏହି ରୋଗ ସମ୍ପର୍କରେ ଜାଣିବା ଏବଂ କିପରି ସତର୍କତା ଅବଲମ୍ବନ କରିବା ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମନୀଷ ଅଗ୍ରୱାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଛନ୍ତି। ଖବରଦାତାମାନେ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଆଗେଇ ଆସିଥିବାରୁ ଏହାକୁ ଜିଲାପାଳ ପ୍ରଶଂସା କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ, ଆଇଆଇସି ରାମପ୍ରସାଦ ନାଗ, କୁଡୁମୁଲୁଗୁମ୍ମା ତହସିଲଦାର ଉପସ୍ଥିତ ରହି ଖବରଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବସ୍‌ଷ୍ଟାଣ୍ଡ ପରିସରରୁ ଶୋଭାଯାତ୍ରା ବାହାରି ସୁବାସ ବୋଷ ଛକ, ବାଲିମେଳା ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ଛକ, ଡିଏନ୍‌କେ ଛକ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲା। ଡାକବାଜି ଯନ୍ତ୍ର ଓ ପ୍ରଚାରପତ୍ର ମାଧ୍ୟମରେ କରୋନା ରୋଗ ସମ୍ପର୍କରେ ସଚେତନ କରିବା ସହ ସର୍ଦ୍ଦି, କାଶ, ଛିଙ୍କ, ଜ୍ୱର, ଶରୀର ଦୁର୍ବଳ, କଫ ପଡିବା ଆଦି ରୋଗର ଲକ୍ଷଣ ଯେକୌଣସି ବ୍ୟକ୍ତି ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା, ପିଲାମାନଙ୍କୁ ଘରୁ ବାହାରକୁ ନ ଛାଡିବା, ସୁଷମ ଓ ଗରମ ଖାଦ୍ୟ ଖାଇବା, ଗହଳି ସ୍ଥାନକୁ ନ ଯିବା, ଘରୁ ବାହାରକୁ ବାହାରିଲେ ମାସ୍କ ବ୍ୟବହାର କରିବା, ଗୋଟିଏ ସ୍ଥାନରେ ଏକାଧିକ ବ୍ୟକ୍ତି ନ ବସିବା, କରମର୍ଦ୍ଦନ ନ କରିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଚିକିତ୍ସାଳୟ ପରିସରରେ ବିଭିନ୍ନ ରୋଗୀଙ୍କ ସମ୍ପର୍କୀୟ, ଯାନବାହନ ଚାଳକ, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଚାରପତ୍ର ବାଣ୍ଟିବା ସହ ଖବରଦାତାମାନେ ଏହି ରୋଗ ପାଇଁ ଚିନ୍ତା ନ କରି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ପଞ୍ଚାୟତ, ବ୍ଲକ ସ୍ତରରେ ପର୍ଯ୍ୟାୟକ୍ରମେ କରାଯିବ ବୋଲି ସଂଘ ସଭାପତି ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ପଡିଆ, ଏମ୍‌ଭି-୭୯, କାଲିମେଳା, ଚିତ୍ରକୋଣ୍ଡା, ବାଲିମେଳା, କୁଡୁମୁଲୁଗୁମ୍ମା, ଖଇରପୁଟ ଅଞ୍ଚଳରୁ ସଂଘ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀନିବାସ ପାତ୍ର, ସନୁ ଅନୁଗୁ, ସୀମାଞ୍ଚଳ ପାଣିଗ୍ରାହୀ, ମନୋଜ କୁମାର ମହାନ୍ତି, ବିନାଶ ମିଶ୍ର, ସତ୍ୟ ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଧୁଙ୍ଗିଆପୁଟରେ ଜନସମ୍ପର୍କ ଶିବିର

ଗୋବିନ୍ଦପାଲି,୧୫ା୩(ଡି.ଏନ.ଏ.)– ମାଲକାନଗିରି ଜିଲା ଗୋବିନ୍ଦପାଲିସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପ ପକ୍ଷରୁ ଧୁଙ୍ଗିଆପୁଟଠାରେ ଏକ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ଏଫ୍ କମାଣ୍ଡର ନିରଞ୍ଜନ ଶର୍ମା, ଭଗବାନ ସିଙ୍ଗ, ଧୁଙ୍ଗିଆପୁଟ ସରପଞ୍ଚ ତୁଳସା ନାୟକଙ୍କ ସହ ପାତ୍ରପୁଟ, ଦଳପତିଗୁଡା, ଧୁଙ୍ଗିଆପୁଟ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଏସ୍‌ଏଫ୍‌ର କାର୍ଯ୍ୟ ଓ କର୍ତ୍ତବ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଲୋକେ ପୋଲିସକୁ ନ ଡରି ପ୍ରଶାସନ ଓବିଏସ୍‌ଏଫ୍‌କୁ ସହଯୋଗ କରିବାକୁ କମାଣ୍ଡର ଶର୍ମା ପରାମର୍ଶ ଦେଇଥିଲେ।

## ରେଡକ୍ରସ ପକ୍ଷରୁ ୩ ଦିନିଆ ତାଲିମ ଶିବିର ଉଦ୍‌ଯାପିତ

ମାଲକାନଗିରି,୧୫ା୩(ସ୍ୱ.ପ୍ର.)

ରେଡକ୍ରସ ପକ୍ଷରୁ ମାଲକାନଗିରି ମହାବିଦ୍ୟାଳୟରେ ଏକ ୩ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୦ରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ କିମ୍ବା ହଠାତ୍ ଜଣେ ଅସୁସ୍ଥ ହୋଇପଡିଲେ ତାଙ୍କର କିପରି ଚିକିତ୍ସା କରିବା, ଅସ୍ଥିଶଲ୍ୟ,ରକ୍ତସ୍ରାବ, ହଠାତ୍ ମୂର୍ଚ୍ଛା ଯିବା, ସାପକାମୁଡା କିମ୍ବା ପୋଡିଗଲେ ଡାକ୍ତରୀ ସହାୟତା ପହଞ୍ଚିବା ପୂର୍ବରୁ ଜଣକୁ କିପରି ଚିକିତ୍ସା କରାଯିବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆହରଣ କରିଥିବା ଜ୍ଞାନ ଅନ୍ୟକୁ ସହାୟତା କରି ବିନିଯୋଗ କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜ୍ଞାନେନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମାଲକାନଗିରି ଜିଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୩ଦିନିଆ ପ୍ରଶିକ୍ଷଣ ଶିବିରକୁ ସରକାରୀ (ଏସଏସଡି)ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଏମଭି-୭୯ସ୍ଥିତ ବିଦ୍ୟାଳୟର ଅଧ୍ୟାପକ ଆଲୋକ ନନ୍ଦ, ଅଧ୍ୟାପକ ଡ. ଆଶିଷ ରାଠୋର ପରିଚାଳନା କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

